ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୭ ଅକ୍ଟୋବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 17 OCTOBER 2022

Vol.No. 33 ■ No. 269 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ମନୀଷ ସିସୋଦିଆଙ୍କୁ ପୁଣି ଜେରା କରିବ ସିବିଆଇ



ନୂଆଦିଲ୍ଲୀ, ୧୬/୧୦ : ଅବକାରୀ ନୀତି ମାମଲାରେ ପୁଣି ଦିଲ୍ଲୀ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ପାଇଁ ବଢିଲା ଅଡୁଆ । ତାଙ୍କୁ ପୁଣି ଥରେ ଏହି ମାମଲାରେ ସିବିଆଇ ପ୍ରଶ୍ନର ସାମ୍ନା କରିବାକୁ ପଡିବ । ଏଥିପାଇଁ ସିବିଆଇ ତରଫରୁ ଆସନ୍ତା କାଲି ହାଜର ହେବାକୁ ସିସୋଦିଆଙ୍କୁ ନୋଟିସ ଜାରି କରାଯାଇଛି । ଏହି ନୋଟିସରେ ସୋମବାର ୧୧ ଟା ବେଳେ ହାଜର ହେବାକୁ କୁହାଯାଇଛି । ଏନେଇ ସିସୋଦିଆ କହିଛନ୍ତି, ସତ୍ୟମେବ ଜୟତେ ! ନୋଟିସ ମୁତାବକ ମୁଁ କାଲି ସିବିଆଇ କାର ?ୟାଳୟରେ ହାଜର ହୋଇ ସମ୍ପୂର୍ଣ୍ଣ ସହଯୋଗ କରିବି । ସିସୋଦିଆ ଟ୍ୱିଟ୍ କରି କହିଛନ୍ତି,ଯେ ସିବିଆଇ ମୋ ଘରେ ୧୪ ଘଣ୍ଟା ଚଢାଉ କରି କିଛି ପାଇ ନଥିଲା । ମୋ ବ୍ୟାଙ୍କ ଲକର୍ ମଧ୍ୟ ଛାନ୍‌ଭିନ୍ କରାଯାଇଥିଲା, ସେଥିରୁ ମଧ୍ୟ କିଛି ମିଳିନଥିଲା । ମୋ ଗାଁରୁ ମଧ୍ୟ ସିବିଆଇକୁ କିଛି ମିଳିନଥିଲା । କାଲି ମୋତେ ସିବିଆଇ ପୁଣି ଡାକିଛି । ମୁଁ ଯିବି ଆଉ ତଦନ୍ତରେ ସହଯୋଗ କରିବି । ସେପଟେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି । ସେ ମନୀଷ ସିସୋଦିଆ ଓ ସତ୍ୟେନ୍ଦ୍ର ଜୈନଙ୍କୁ ଆଜିର ଦିନରେ ଭଗତ୍ ସିଂ ବୋଲି କହିଛନ୍ତି । ଏହା ଦ୍ୱିତୀୟ ସ୍ୱାଧୀନତା ଲଢେଇ ବୋଲି କେଜ୍ରିୱାଲ କହିଛନ୍ତି । ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ସିବିଆଇ ଦ୍ୱାରା ରୁଜୁ ହୋଇଥିବା ଏଫ୍‌ଆଇଆରରେ ମନୀଷ ସିସୋଦିଆଙ୍କ ନାମ ଶୀର୍ଷରେ ରହିଛି । ବାକି ଅଭିଯୁକ୍ତଙ୍କ ନାମ ତଳକୁ ଆସୁଛି । ଏଭଳି ପରିସ୍ଥିତିରେ ମନୀଷ ସିସୋଦିଆ ହିଁ ଅନୁସନ୍ଧାନ କେନ୍ଦ୍ରରେ ରହୁଛନ୍ତି ବୋଲି ନିଶ୍ଚିତ । ସିସୋଦିଆ ବ୍ୟତୀତ ଅନୁସନ୍ଧାନକାରୀ ସଂସ୍ଥା ଏହି ମାମଲାରେ ଆହୁରି ୧୪ ଜଣଙ୍କୁ ଅଭିଯୁକ୍ତ ଦର୍ଶାଇଛି । ନିକଟରେ ଦିଲ୍ଲୀ ଅବକାରୀ ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମଦୀଷ ସିସୋଦିଆଙ୍କ ଘନିଷ୍ଠ ସହଯୋଗୀ ସମୀର ମହେନ୍ଦ୍ରଙ୍କୁ ଗିରଫ କରିଥିଲା ।

ଆଜି ଖାଡ଼ଗେ-ଥରୁରଙ୍କ ମଧ୍ୟରେ ଟକ୍କର

ନୂଆଦିଲ୍ଲୀ, ୧୬/୧୦ : ଆସନ୍ତାକାଲି ଏଆଇସିସି କଂଗ୍ରେସ ସଭପତି ପାଇଁ ନିର୍ବାଚନ ରେସ୍ ?ରେ ମଲ୍ଲିକାର୍ଜୁନ ଖାଡ଼ଗେଙ୍କ ସହ ରହିଛନ୍ତି ବରିଷ୍ଠ କଂଗ୍ରେସ ନେତା ଶଶି ଥରୁର । ଆସନ୍ତାକାଲି ଭୋଟ ଗ୍ରହଣ ହେବାକୁ ଥିବାବେଳେ ବିଜୟ ଆଶା ରଖିଛନ୍ତି ଥରୁର । ପ୍ରତିଦ୍ୱନ୍ଦ୍ୱୀ ମଲ୍ଲିକାର୍ଜୁନ ଖାଡ଼ଗେଙ୍କ ନୀତି ଏବଂ ନିଜର ନୀତି ଭିନ୍ନ । ଯେ କେହିବି ବିଜୟୀ ହେଲେ ସମସ୍ତ ମିଳିମିଶି କାମ କରିବେ ବୋଲି କହିଛନ୍ତି ଶଶି ଥରୁର । କଂଗ୍ରେସ ନେତା ରାହୁଲ ଗାନ୍ଧି କଂଗ୍ରେସ ସଭାପତି ନିର୍ବାଚନ ଲଢ଼ିବେ ନାହିଁ ବୋଲି ଆଗରୁ ସ୍ପଷ୍ଟ କରିଥିଲେ । ଏହା ସହିତ ବିବାଦ ପରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ମଧ୍ୟ ରେସରୁ ଓହରିଯାଇଛନ୍ତି । ଏହା ପରେ ମୈଦାନରେ ଖାଡ଼ଗେ-ଥରୁର ମୁହାଁମୁହିଁ ହେଉଛନ୍ତି । ଦୀର୍ଘ ୨୪ ବର୍ଷ ପରେ କଂଗ୍ରେସକୁ ଜଣେ ଅଣଗାନ୍ଧି ସଭାପତି ମିଳିବାକୁ ଯାଉଛି । ଗାନ୍ଧି ପରିବାରରୁ କେହି ବି ସଭାପତି ନିର୍ବାଚନ ଲଢ଼ିବେନି ବୋଲି ରାହୁଲ କହିବାପରେ ଜଣେ ଅଣଗାନ୍ଧି ହିଁ ଦଳର ସଭାପତି ହେବାନେଇ ସ୍ପଷ୍ଟ ହୋଇଯାଇଛି । ୧୯୯୮ ପରେ ଦଳକୁ ପ୍ରଥମ ଥର ପାଇଁ ଗାନ୍ଧି ପରିବାର ବାହାରୁ ସଭାପତି ମିଳିବେ । ଜଣେ ଅଣଗାନ୍ଧି କଂଗ୍ରେସର ସଭାପତି ହେଲେ ୨୦୨୪ ଲୋକସଭା ନିର୍ବାଚନରେ ବିଜେପି ସହ ପରିବାରବାଦ ପ୍ରସଙ୍ଗରେ ମୁକାବିଲା କରିବା କଂଗ୍ରେସ ପାଇଁ ସହଜ ହୋଇଯିବ । ବଂଶବାଦ ରାଜନୀତି ନେଇ ବିଜେପି ଦ୍ୱାରା ସବୁବେଳେ ସମାଲୋଚନାର ଶିକାର ହୋଇ ଆସିଥିବା କଂଗ୍ରେସ ଏଥର ଜବାବ ଦେଇପାରିବ ବୋଲି କୁହାଯାଉଛି ।

ନବୀନ ପଟ୍ଟନାୟକଙ୍କୁ ଜନ୍ମ ଦିନରେ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୬/୧୦ : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି । ସେ ଟ୍ୱିଟ କରି ନବୀନଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଛନ୍ତି । ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଏହି ଶୁଭେଚ୍ଛା ପାଇଁ ଧନ୍ୟବାଦ ଜଣାଇଛନ୍ତି ।

ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମିତ କରାଯିବା ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି

ଭୁବନେଶ୍ୱର, ୧୬/୧୦(ନି.ପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମିତ କରାଯିବା ପାଇଁ ରବିବାର ବିଜ୍ଞପ୍ତି ପ୍ରକାଶ ପାଇଛି । ଚୁକ୍ତିଭିତ୍ତିକ ଗ୍ରୁପ୍ 'ବି', 'ସି', 'ଡି' ପାହ୍ୟାର ନିଯୁକ୍ତି ଉଚ୍ଛେଦ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହା ଫଳରେ ୫୭ ହଜାର ଠିକା କର୍ମଚାରୀଙ୍କୁ ସ୍ଥାୟୀ କରାଯାଇଛି । ଗତକାଲି କ୍ୟାବିନେଟର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଠିକା ନିଯୁକ୍ତିର ଯୁଗ ଶେଷ ହେଲା ବୋଲି ଘୋଷଣା କରିଥିଲେ । ଉଲ୍ଲେଖଯୋଗ୍ୟ, ଗତକାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ପାଇଁ ବଡ଼ ଘୋଷଣା କରିଥିଲେ । ସେ କହିଥିଲେ ଯେ, 'ରାଜ୍ୟରୁ ଠିକା ନିଯୁକ୍ତିର ଯୁଗ ଶେଷ ହୋଇଛି । ରାଜ୍ୟର ସମସ୍ତ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ନିଯୁକ୍ତି ନିୟମିତ ହେବ । ଏହା ଦ୍ୱାରା ୫୭ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ଉପକୃତ ହେବେ ।ଏଥିପାଇଁ ରାଜ୍ୟ ସରକାରଙ୍କ ପାଣ୍ଠିରୁ ୧୩ ଶହ କୋଟି ଟଙ୍କା ଅଧିକ ଖର୍ଚ୍ଚ ହେବ । ତେବେ ଏନେଇ ଆସନ୍ତାକାଲି ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି ।

ଅର୍ଚ୍ଚନାଙ୍କୁ ବେଲ୍ ମିଳିବ ନା ଜେଲ୍ ?

ଭୁବନେଶ୍ୱର, ୧୬/୧୦(ନି.ପ୍ର): ଅର୍ଚ୍ଚନା ନାଗଙ୍କୁ ନେଇ ଚାରିଆଡେ ଚର୍ଚ୍ଚା ହେଉଥିଲେ ବି ପୋଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି । ବ୍ଲାକମେଲିଂ ଓ ହନିଟ୍ରାପ୍ ଅଭିଯୋଗରେ ଏବେ ଅର୍ଚ୍ଚନା ଜେଲରେ ଅଛନ୍ତି । କିନ୍ତୁ ସମାନ ଅଭିଯୋଗ ଥାଇ ମଧ୍ୟ ତାଙ୍କ ସ୍ୱାମୀ ଜଗବନ୍ଧୁ ଓ ସହଯୋଗୀ ଖଗେଶ୍ୱରଙ୍କ ବିରୋଧରେ ପୋଲିସର କାର୍ଯ୍ୟାନୁଷ୍ଠାନ ଶୂନ । ପ୍ରଶ୍ନ ଉଠୁଛି, ସମାନ ଏତଲା ହୋଇଥିଲେ ପୋଲିସ କାହିଁକି ସେମାନଙ୍କୁ ଅନୁକମ୍ପା ଦେଖାଉଛି ? କାହାର ରହିଛି କି ଚାପ ? ମାମଲା ଏକ, ଅଭିଯୁକ୍ତ ଅନେକ । ରାଜ୍ୟର ସବୁଠୁ ବଡ ହନିଟ୍ରାପ ଓ ବ୍ଲାକମେଲର କାହାଣୀ ସେତେବେଳେ ପଦାକୁ ଆସିଥିଲା ଯେତେବେଳେ ଜଣେ ଯୁବତୀ ଅର୍ଚ୍ଚନାର ନାଗଫାଶର ଖୁଲାସା କରି ଥାନାର ଦ୍ୱାରସ୍ଥ ହୋଇଥିଲେ । ଯୁବତୀ ଜଣକ ଖଣ୍ଡଗିରି ଥାନାରେ ଦେଇଥିବା ଏଫଆଇଆରରେ ରହିଛି ତିନି ଅଭିଯୁକ୍ତଙ୍କ ନାଁ । ଆଇପିସିର ଦଫା ୩୭୦ ଅର୍ଥାତ୍ ବେଆଇନ ମାନବ ଚାଲାଣ ଭଳି ୧୬ଟି ଦଫାରେ ଝାରପଡା ଜେଲରେ ଅର୍ଚ୍ଚନା ନାଗ । ସେହି ଏତଲାରେ ଅର୍ଚ୍ଚନା ସମେତ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ସହଯୋଗୀ ଖଗେଶ୍ୱର ପାତ୍ରଙ୍କ ନାଁ ମଧ୍ୟ ରହିଛି । ଯୁବତୀ ଦେଇଥିବା ଏତଲାରେ ସ୍ପଷ୍ଟ ଭାବେ ଲେଖାଯାଇଛି, ଜଗବନ୍ଧୁ ଓ ଖଗେଶ୍ୱର ଧନୀ, ବ୍ୟବସାୟୀଙ୍କ ତାଲିକା ପ୍ରସ୍ତୁତ କରି ଅର୍ଚ୍ଚନାଙ୍କୁ ଦେଉଥିଲେ । ଅର୍ଚ୍ଚନାଙ୍କ କାରନାମାରେ ଏମାନେ ସଂପୃକ୍ତ ବୋଲି ଯୁବତୀ ଲେଖିଥିଲେ । କିନ୍ତୁ ପ୍ରଶ୍ନ ଉଠୁଛି ଏହି ମାମଲାରେ ଅର୍ଚ୍ଚନାଙ୍କୁ ବାଦ ଦେଲେ ଅନ୍ୟ ଦୁଇ ଅଭିଯୁକ୍ତ ଖୁଲମ ଖୁଲ୍ଲା ବାହାରେ ବୁଲୁଛନ୍ତି । ସେପଟେ ଅର୍ଚ୍ଚନା ନାଗ ବ୍ଲାକମେଲିଂ ମାମଲାର ସିବିଆଇ ତଦନ୍ତ କରିବାକୁ ଦାବି କରିଛି ବିଜେପି । ବିରୋଧୀ ଦଳ ନେତା କହିଛନ୍ତି ଅର୍ଚ୍ଚନାର ନାଗଫାଶରେ ରାଜ୍ୟ ପୁଲିସର ବରିଷ୍ଠ ଅଧିକାରୀ ସଂପୃକ୍ତ ଅଛନ୍ତି । ତେଣୁ ରାଜ୍ୟ ସରକାରଙ୍କ ପୁଲିସ ତଦନ୍ତ କଲେ ତଦନ୍ତ ଠିକ ହେବ ନାହିଁ । ନିରପେକ୍ଷ ତଦନ୍ତ ପାଇଁ ଏହି ମାମଲା ସିବିଆଇକୁ ଦିଆଯାଉ ବୋଲି କହିଛନ୍ତି ଜୟ ନାରାୟଣ ମିଶ୍ର ।

୨୦୨୩ ଡିସେମ୍ବର ସୁଦ୍ଧା ରାଜ୍ୟର ୮୦ ପ୍ରତିଶତ ଅଂଚଳରେ ଉପଲବ୍ଧ ହୋଇଥିବ ୫ଜି ସେବା

ଭୁବନେଶ୍ୱର, ୧୬/୧୦(ନି.ପ୍ର): ଓଡ଼ିଶାରେ ଆସନ୍ତାବର୍ଷ ୫ଜି ସେବା ଆରମ୍ଭ ହେବ । ୫ଜିର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ୮ ସହର ରହିଛି । ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ଏସବୁ ସହରରେ ୫ଜି ମୋବାଇଲ ସେବା ଉପଲବ୍ଧ ହୋଇଥିବ । ପ୍ରଥମେ ଏହି ବଡ ସହର ପରେ ଅନ୍ୟ ସହର ଓ ଗ୍ରାମାଂଚଳରେ ଏହି ସେବା ଆରମ୍ଭ କରାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ଅର୍ଥାତ ୨୦୨୩ ଡିସେମ୍ବର ସୁଦ୍ଧା ରାଜ୍ୟର ୮୦ ପ୍ରତିଶତ ଅଂଚଳରେ ୫ଜି ସେବା ଉପଲବ୍ଧ ହୋଇଥିବ । କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଭୁବନେଶ୍ୱରରେ ଏହି ସୂଚନା ଦେଇଛନ୍ତି ।

୫୦ ଲକ୍ଷ ଟଙ୍କା ଲାଞ୍ଚ ଦେବା ବେଳେ ଧରାପଡିଲେ ପୂର୍ବତନ ମନ୍ତ୍ରୀ

ଚଣ୍ଡିଗଡ,୧୬/୧୦ : ଲାଞ୍ଚ ଦେଇ ଧରା ପଡିଲେ ପୂର୍ବତନ ମନ୍ତ୍ରୀ । ପଞ୍ଜାବର ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ସୁନ୍ଦର ଶ୍ୟାମ ଅରୋରାଙ୍କୁ ଲାଞ୍ଚ ଦେବା ଅଭିଯୋଗରେ ଭିଜିଲାନ୍ସ ଗିରଫ କରିଛି । ତାଙ୍କ ବିରୋଧରେ ଅୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତଦନ୍ତ ମଧ୍ୟ ଚାଲିଛି । ଏହି କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ସେ ଭିଜିଲାନ୍ସ ବ୍ୟୁରୋର ଜଣେ ଅଧିକାରୀଙ୍କୁ ଲାଞ୍ଚ ଦେବା ପାଇଁ ଚେଷ୍ଟା କରୁଥିଲେ । ସୂଚନା ମୁତାବକ, ସୁନ୍ଦର ଅରୋରା ଆସିଷ୍ଟାଣ୍ଟ ଇନ୍‌ସପେକ୍ଟର ଜନରାଲ ମନମୋହନ କୁମାରଙ୍କୁ ୫୦ ଲକ୍ଷ ଟଙ୍କା ଲାଞ୍ଚ ଦେବାକୁ ଚେଷ୍ଟା କରୁଥିଲେ । ଏଭଳି କରିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଛି । ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ▶▶ପୃଷ୍ଠା ୭

୭୫ଟି ଡିଜିଟାଲ୍ ବ୍ୟାଙ୍କିଙ୍ଗ ୟୁନିଟ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୧୬/୧୦(ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ସାରା ଦେଶର ୭୫ଟି ଜିଲ୍ଲାରେ ୭୫ଟି ଡିଜିଟାଲ୍ ବ୍ୟାଙ୍କିଂ ୟୁନିଟ୍ (ଡିବିୟୁ) ଗୁଡିକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଏହି ଭଳି ଚାରୋଟି ୟୁନିଟ୍ ଓଡିଶାରେ ରହିଛି । ଏହି ୟୁନିଟ୍ ଗୁଡିକ କଟକ, ଖୋର୍ଦ୍ଧା, ପୁରୀ ଏବଂ କେନ୍ଦୁଝର ଜିଲ୍ଲାରେ ରହିଛି । ଓଡିଶାର କଟକ ଜିଲ୍ଲାର ସାଲେପୁର ଠାରେ ଥିବା ୟୁକୋ ବ୍ୟାଙ୍କର ଡିଜିଟାଲ୍ ବ୍ୟାଙ୍କିଂ ୟୁନିଟ୍ ଉଦ୍ଘାଟନୀ ଉତ୍ସବରେ ଯୋଗ ଦେଇ କେନ୍ଦ୍ର ଜନଜାତି ବ୍ୟାପାର ଏବଂ ଜଳ ଶକ୍ତି ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ବିଶ୍ୱେଶ୍ୱର ଟୁଡୁ କହିଥିଲେ ଯେ, ସରକାରଙ୍କ ପକ୍ଷରୁ ଆର୍ଥିକ ଅନ୍ତର୍ଭୁକ୍ତିକୁ ମଜଭୁତ କରିବା ନିମନ୍ତେ କରା ଯାଉଥିବା ପ୍ରୟାସ ଦିଗରେ ଏହା ଆଉ ଏକ ପଦକ୍ଷେପ । ସେ ଆହୁରି ମଧ୍ୟ କହିଥିଲେ ଯେ, "ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଜି ଉଦ୍ଘାଟିତ ହୋଇଥିବା ଏହି ୭୫ଟି ଡିଜିଟାଲ୍ ବ୍ୟାଙ୍କିଂ ୟୁନିଟ୍ ଗୁଡିକ ନାଗରିକ ମାନଙ୍କୁ ଚବିଶ ଘଂଟିଆ ପ୍ରତିବନ୍ଧକ ମୁକ୍ତ ବ୍ୟାଙ୍କିଂ ସେବା ପ୍ରଦାନ କରିବ ଏବଂ ତୃଣମୂଳ ସ୍ତରରେ ଲୋକ ମାନଙ୍କର ଆର୍ଥିକ ଅନ୍ତର୍ଭୁକ୍ତିକୁ ସୁନିଶ୍ଚିତ କରିବ । ଶ୍ରୀ ଟୁଡୁ ଏହି ୟୁନିଟ୍ରେ ଉପଲବ୍ଧ କରା ଯାଉଥିବା ସୁବିଧାସୁଯୋଗ ଗୁଡିକୁ ତଦାରଖ କରିଥିଲେ ଏବଂ ବରିଷ୍ଠ ଅଧିକାରୀ ମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ । ଡିବିୟୁ ଗୁଡିକ ଅର୍ଥ ଜମା ଏବଂ ଅର୍ଥ ଉଠାଣ, ବ୍ୟାଙ୍କ ଖାତା ଖୋଲିବା, ସ୍ଥାୟୀ ଜମା / ପୁନଃପୌନିକ ଜମା, ଡିଜିଟାଲ୍ ଋଣ, ପାସ୍ବୁକ୍ ପ୍ରିଣ୍ଟିଂ, ବ୍ୟାଙ୍କରେ ଜମା ଅର୍ଥ ସମ୍ପର୍କରେ ଯାଂଚ ଏବଂ ଉପଭୋକ୍ତା ମାନଙ୍କୁ ଅର୍ଥ ହସ୍ତାନ୍ତରଣ ଇତ୍ୟାଦି ସୁବିଧା ପ୍ରଦାନ କରିବେ । ୨୦୨୨-୨୩ର ▶▶ପୃଷ୍ଠା ୭

ବିଶ୍ୱସ୍ତରୀୟ ହେବ ଭୁବନେଶ୍ୱର ରେଳ ଷ୍ଟେସନ : ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର, ୧୬/୧୦(ନି.ପ୍ର): ଭୁବନେଶ୍ୱର ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ ରେଳ ଷ୍ଟେସନରେ ପରିଣତ କରାଯିବ । ଏଥି ପାଇଁ ପ୍ଲାନିଂ,ଡିଜାଇନ ସହ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଶେଷ ହୋଇଛି । ଖୁବ ଶୀଘ୍ର ଭୂମି ପୂଜନ ହୋଇ କାମ ଆରମ୍ଭ ହେବ । ଭୂମି ପୂଜନ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅଶ୍ୱିନୀ ବୈଷ୍ଣବ ଅନୁରୋଧ କରିଛନ୍ତି । କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସାମ୍ବାଦିକ ମାନଙ୍କ ସହ କଥାବାର୍ତା ବେଳେ ଏହି ସୂଚନା ଦେଇଛନ୍ତି । ଅନ୍ୟ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ଯେ ଖୋର୍ଦ୍ଧା ବଲାଙ୍ଗୀର ରେଳ ଲାଇନ କାମ ଖୁବ ଶୀଘ୍ର ଶେଷ ହେବ । ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା ବଲାଙ୍ଗୀର ରେଳଲାଇନ କାମ ଜୋରସୋରରେ ଆଗେଇ ଚାଲିଛି ।୧୦୦ କିମି ଜଙ୍ଗଲ ଜମି ନେଇ ସମସ୍ୟା ରହିଥିଲା । ଏହାର ସମାଧାନ ଲାଗି ରାଜ୍ୟ ସରକାରଙ୍କ ପକ୍ଷରେ ଲାଗିଥିଲୁ । ଏବେ ରାଜ୍ୟ ସରକାର ଏଥିପାଇଁ ସୁପାରିଶ କରିଛନ୍ତି । ଶୀଘ୍ର ଅନୁମତି ମିଳିଯିବାର ଅଛି । ବଲାଙ୍ଗୀର ପାଖରୁ ମଧ୍ୟ ରେଳଲାଇନ କାମ ତ୍ୱରିତ ହୋଇଥିବା ବେଳେ ଅନ୍ୟପଟରୁ ମଧ୍ୟ କାମ ଚାଲିଛି । ଓଡ଼ିଶାର ଏହି ସ୍ୱପ୍ନର ପ୍ରକଳ୍ପ କାମ ଖୁବ ଶୀଘ୍ର ବାସ୍ତବ ରୂପ ନେବାକୁ ଯାଉଛି' ବୋଲି ସେ ସୂଚନା ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ପୂର୍ବରୁ ଓଡ଼ିଶା ପାଇଁ ରେଳ ବଜେଟ ମିଳୁଥିଲା ମାତ୍ର ୮୦୦ କୋଟି । ମୋଦି ସରକାରରେ ଏହା ୧୦ ହଜାର କୋଟିକୁ ବୃଦ୍ଧି ପାଇଛି ।

ରୋଚକ ହେଉଛି ଧାମନଗର ରାଜନୀତି : ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କ ଉପରେ ସମସ୍ତଙ୍କ ନଜର

ଭୁବନେଶ୍ୱର, ୧୬/୧୦(ନି.ପ୍ର): ବିଜେଡିର ବିଦ୍ରୋହୀ ନେତା ରାଜୁ ଦାସ ସ୍ୱାଧୀନ ପ୍ରାର୍ଥୀ ହେବା ପରେ ରୋଚକ ହେଉଛି ଧାମନଗର ରାଜନୀତି । ଏବେ ବିରୋଧୀ ଦଳ ପ୍ରାର୍ଥୀ ବିଜେପି ଓ କଂଗ୍ରେସକୁ ନେଇ ଯେତିକି ଚର୍ଚ୍ଚା ହେଉନି ବିଦ୍ରୋହୀ ପ୍ରାର୍ଥୀ ରାଜୁ ଦାସ ଓ ବିଜେଡି ପ୍ରାର୍ଥୀ ଅବନ୍ତୀ ଦାସଙ୍କୁ ନେଇ ସେତିକି ଚର୍ଚ୍ଚା ହେଉଛି । ଅନ୍ୟପଟେ ରାଜୁ ଦାସ କହିଛନ୍ତି, କୌଣସି ପରିସ୍ଥିତିରେ ବି ସେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବେ ନାହିଁ । ଧାମନଗର ଉପନିର୍ବାଚନରେ ବିଜେପି-ବିଜେଡି-କଂଗ୍ରେସ ପ୍ରାର୍ଥୀଙ୍କୁ ନେଇ ଯେତିକି ଆଲୋଚନା ହେଉ ନାହିଁ, ତା'ଠାରୁ ଅଧିକ ଚର୍ଚ୍ଚା ହେଉଛି ବିଜେଡି ବନାମ ବିଜେଡିକୁ ନେଇ । ଅର୍ଥାତ୍ ବିଜେଡି ପ୍ରାର୍ଥୀ ଅବନ୍ତୀ ଦାସ ଏବଂ ଟିକେଟ ନମିଳିବା ପରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିବା ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ସୋମବାର ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାର ଶେଷ ତାରିଖ । ଏହା ପରେ ସ୍ପଷ୍ଟ ହୋଇଯିବ କିପରି ରୂପନେବ ଧାମନଗର ଲଢ଼େଇ । ଏପଟେ ରାଜେନ୍ଦ୍ର ଦାସ କହିଛନ୍ତି ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାର ପ୍ରଶ୍ନ ଉଠୁନାହିଁ । ▶▶ପୃଷ୍ଠା ୭

ବରଣ୍ଡି ନଦୀରେ ନୌକା ଓଲଟି ୭ ଲୋକଙ୍କ ମୃତ୍ୟୁ

କଟିହାର,୧୬/୧

କଂକ୍ରିଟ ଓ ପିଚୁ ରାସ୍ତାର ଅବସ୍ଥା ଶୋଚନୀୟ, ରାସ୍ତା ଖୋଳି ସଠିକ୍ ଭାବେ ପୋତୁନି ଠିକା ସଂସ୍ଥା

ଘଟଗାଁ ,୧୬/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ ନାମରେ ପାଇପ ବିଛାଇବା ପାଇଁ ଠିକାଦାର ପ୍ରକଳ୍ପର ସମସ୍ତ ନିୟମକୁ ଉଲଘଂନ କରି ମନଇଚ୍ଛା ରାସ୍ତା ଗୁଡିକୁ ଖୋଳି ପାଇପ ବିଛାଉଥିବା ଫଳରେ ଅନେକ ସ୍ଥାନରେ ରାସ୍ତା ଗୁଡିକ ମରଣଯନ୍ତାରେ ପରିଣତ ହୋଇଥିବା ଦେଖିବାକୁ ମିଳିଛି । ଯାହା ଦ୍ୱାରା ଜନସାଧାରଣ ଯାତାୟତ କ୍ଷେତ୍ରରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ଗାଁ ଗହଳି ରାସ୍ତା ଗୁଡିକୁ ଖୋଳି ପକାଇଥିବାରୁ ଅନେକ ପୁରୁଣା ଓ ନୂଆ କାମ ହୋଇଥିବା କଂକ୍ରିଟ ଓ ପିଚୁ ରାସ୍ତାଗୁଡିକ ଏବେ ନଷ୍ଟ ହୋଇଯାଇଛି । ତରା ଗ୍ରାମ ଫଂଚାୟତ ଅଧୀନସ୍ଥ ଗ୍ରାମ ଗୁଡିକରେ ଏଭଳି ଶୋଚନୀୟ ଅବସ୍ଥା ଦେଖିବାକୁ ମିଳିଛି । ସରକାରଙ୍କ ତରଫରୁ ନିର୍ମାଣ ହୋଇଥିବା ପିଚୁ ରାସ୍ତା ଓ କଂକ୍ରିଟ ରାସ୍ତା ପ୍ରଧାନମନ୍ତ୍ରୀ ରାସ୍ତାକୁ ଖୋଳି ତାଡି ପାଇପ ବିଛାଉଛି ହେଲେ ଏହାକୁ ଠିକ୍ ଭାବେ ପୋତୁ ନାହିଁ ଠିକା ସଂସ୍ଥା । ନିୟମ ଅନୁସାରେ ପିଚୁ ଓ କଂକ୍ରିଟ ରାସ୍ତା ଖୋଳିଲା ପରେ ଏହାକୁ ପିଚୁ ଓ କଂକ୍ରିଟ କରିବା କଥା, କିନ୍ତୁ ତାହା କରାଯାଉନାହିଁ । ଯାହାଦ୍ୱାରା ବର୍ଷା ପରେ ଆଉ ସେ ରାସ୍ତାରେ ଯାତାୟତ ସମ୍ଭବ ହୋଇପାରୁନି । ଖାଲଖମା ହୋଇଥିବା ଯୋଗୁଁ ସ୍କୁଲ କଲେଜକୁ ସାଇକେଲରେ ଯାଉଥିବା ଛାତ୍ରଛାତ୍ରୀ ବିଭିନ୍ନ ସମୟରେ ପଡି ଆହତ ମଧ୍ୟ ହେଉଛନ୍ତି । ମେଗା ପାନୀୟଜଳ ପ୍ରକଳ୍ପ ପାଇଁ ପାଇପ ବିଛାଇବାକୁ ପ୍ରଥମେ ଗ୍ରାମରେ ପଲ୍ଲୀସଭା ପରେ ସର୍ଭେ କରି ପିଚୁ ରାସ୍ତା ଓ କଂକ୍ରିଟ ରାସ୍ତାର ପାର୍ଶ୍ୱର କିଛି ଦୂରତାରୁ ମାଟି ଖୋଳି ପାଇପ ବିଛାଇବାକୁ ଥିବାବେଳେ ଘଟଗାଁ ବ୍ଲକର ଫଂଚାୟତ ଗ୍ରାମ ଗୁଡିକରେ କାମ କରୁଥିବା ଠିକା ସଂସ୍ଥା ସେ ସବୁ ନିୟମକୁ ଉଲଘଂନ କରି ମେରୀ ରାୟ ନୀତିରେ ଲୋକଙ୍କ ଅଭିଯୋଗକୁ କର୍ଣ୍ଣପାତ ନକରି ମନଇଚ୍ଛା ରାସ୍ତା ଖୋଳି ପାଇପ ବିଛାଉଛି । ଏପରି ଅଭାବନୀୟ ପରିସ୍ଥିତି ଦେଖାଯାଇଛି ଏ ଅଂଚଳର ପ୍ରତ୍ୟେକ ଗ୍ରାମମାନଙ୍କରେ । ଏଣୁ କେନ୍ଦୁଝର ଜିଲ୍ଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ମରାମତି ଲାଗି ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେବାକୁ ପ୍ରତ୍ୟେକ ପଂଚାୟତ ଓ ତରା ଗ୍ରାମବାସୀ ଦାବି କରିଛନ୍ତି ।

କଷ୍ଟ ଦେଉଛି ମହାପ୍ରସାଦ ଦର : ଆନନ୍ଦବଜାରରେ ରହୁନି ଶୃଙ୍ଖଳା

ପୁରୀ ,୧୬/୧୦ (ନି.ପ୍ର): କାର୍ତ୍ତିକରେ କଷ୍ଟ ଦେଉଛି ମହାପ୍ରଭୁଙ୍କ ମହାପ୍ରସାଦ ଦର । ଦର ଏତେ ହୋଇଛି ଯେ ଶହେ ଦେଢ଼ଶହ ଟଙ୍କା ଦେଲେ ପେଟ ପୂରୁନି । ଯେଉଁମାନେ ପୂରା ପରିବାର ପାଇଁ ମହାପ୍ରସାଦ ନେବାକୁ ଆସୁଛନ୍ତି, ସେମାନେ ଅଳ୍ପ ମହାପ୍ରସାଦରେ ମନ ବୁଝାଇବା ସହ ମନଦୁଃଖରେ ଘରକୁ ଫେରୁଛନ୍ତି । ମହାପ୍ରସାଦ ବିକ୍ରିରେ ଦଣ୍ଡିଆ(ଦଲାଲ)ମାନେ ପଶି ଏହାର ଦରକୁ ଦେଢ଼ାରୁ ଦୁଇଗୁଣା ବଢ଼ାଇ ଦେଉଥିବା ଅଭିଯୋଗ ହେଉଛି । କାର୍ତ୍ତିକ ମାସରେ ମହାପ୍ରସାଦ ଦରର ଏହି ଯନ୍ତ୍ରଣା ଭକ୍ତଙ୍କ ଭକ୍ତିଭାବକୁ ଆଘାତ ଦେଉଥିବାବେଳେ ଏ ଦିଗରେ ଶ୍ରୀମନ୍ଦିର ପ୍ରଶାସନର ନିରବତା ଭକ୍ତ ମହଲରେ ଅସନ୍ତୋଷ ଭରି ଦେଇଛି । ସେପଟେ ଆନନ୍ଦବଜାରରେ ଶୃଙ୍ଖଳା ଆଣିବା ପାଇଁ ସୁପ୍ରିମକୋର୍ଟଙ୍କ ଆଦେଶ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନି । ଫଳରେ ଭକ୍ତଙ୍କୁ ଶୋଷଣ ଦିନକୁ ଦିନ ବଢ଼ିଚାଲିଛି । କେବଳ ଆନନ୍ଦବଜାରରେ ମହାପ୍ରସାଦ ବିକ୍ରି ପାଇଁ ସ୍ଥିର ହୋଇଥିବାବେଳେ କୋଇଲି ବୈକୁଣ୍ଠ ଓ ଅନ୍ୟାନ୍ୟ ସ୍ଥାନରେ ମହାପ୍ରସାଦ ବିକ୍ରି ହେଉଥିଲେ ବି ସେ ଦିଗରେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି । ୨୦୧୮ରେ ସୁପ୍ରିମକୋର୍ଟ ଶ୍ରୀମନ୍ଦିର ସଂସ୍କାର ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଥିଲେ । ସେଥିରେ ଆନନ୍ଦବଜାର ଶୃଙ୍ଖଳା ପ୍ରମୁଖ ପ୍ରସଙ୍ଗ ରହିଥିଲା । ପରେ ଶ୍ରୀମନ୍ଦିର ପ୍ରଶାସନ ଭକ୍ତଙ୍କୁ ଶୋଷଣରୁ ମୁକ୍ତ ପାଇଁ ମହାପ୍ରଭୁଙ୍କ ମହାପ୍ରସାଦର ଦର ନିର୍ଦ୍ଧାରଣ ସହ ଆନନ୍ଦବଜାର ଓ ଅନ୍ୟ ସ୍ଥାନରେ ଏହି ଦର ତାଲିକା ଲଗାଇବାକୁ ନିଷ୍ପତ୍ତି ନେଇଥିଲା । ସେହି ଅନୁଯାୟୀ କୋଠଭୋଗରେ ଦର ନିର୍ଦ୍ଧାରଣ ପାଇଁ ସ୍ୱତନ୍ତ୍ର ଅବଦ୍ଧା ପ୍ରସ୍ତୁତ ହେଲା । ଦର ତାଲିକା ବି ତିଆରି ହେଲା । କିନ୍ତୁ ଆଜି ପର୍ଯ୍ୟନ୍ତ ଦର ତାଲିକା ଲାଗି ପାରିଲାନି । ଅନ୍ୟପଟେ କେବଳ ମହାପ୍ରସାଦ ବିକ୍ରି କରୁଥିବା ସ୍ୱୀକୃତିପ୍ରାପ୍ତ ସୁଆର ମହାସୁଆରମାନଙ୍କୁ ଛାଡ଼ିଦେଲେ, ଅନ୍ୟମାନଙ୍କୁ ବିତାଡ଼ିତ କରିବାକୁ ବି ନିଷ୍ପତ୍ତି ହେଲା । ସେହି ଅନୁଯାୟୀ କେଉଁ ସୁଆର ମହାସୁଆରଙ୍କ ସହ କେତେଜଣ ସହଯୋଗୀ ରହିବେ, ମହାପ୍ରସାଦ ବିକ୍ରି କରିବେ, ତାର ବି ତାଲିକା ପ୍ରସ୍ତୁତ ହେଲା । ଆନନ୍ଦବଜାର ବିନା ଅନ୍ୟ କେଉଁଠି ମହାପ୍ରସାଦ ବିକ୍ରିରେ ଲଗାମ ଲଗାଗଲା । କିନ୍ତୁ ମହାପ୍ରସାଦ ଦର ତାଲିକା ବୃଢ଼ାନ୍ତ ଓ କେଉଁମାନେ ମହାପ୍ରସାଦ ବିକ୍ରି କରିବେ, ତାର ତାଲିକା ପ୍ରସ୍ତୁତ ସରିଥିଲେ ବି ଶ୍ରୀମନ୍ଦିର ପ୍ରଶାସନ ଏହାକୁ କାର୍ଯ୍ୟକାରୀ କରୁନି ।

ଫଳରେ ଦଣ୍ଡିଆମାନେ ପଶି ଭକ୍ତଙ୍କୁ ଶୋଷଣ କରିବା ଆରମ୍ଭ କରି ଦେଇଛନ୍ତି । ଜଣେ ବରିଷ୍ଠ ସୁଆର ସେବକଙ୍କ ମତରେ, କିଛି ନିର୍ଦ୍ଦିଷ୍ଟ ସୁଆର ମହାସୁଆରଙ୍କ ସହ ସଂପର୍କ ରଖି ଏହି ଦଣ୍ଡିଆମାନେ ଆନନ୍ଦବଜାର, ଉତ୍ତରଦ୍ୱାର ଓ ଦକ୍ଷିଣଦ୍ୱାରରେ ରହି ଭକ୍ତଙ୍କୁ ଶୋଷଣ ଆରମ୍ଭ କରି ଦେଇଛନ୍ତି । ଉତ୍ତର ଦ୍ୱାର ଅବା ଦକ୍ଷିଣଦ୍ୱାରକୁ ଆସୁଥିବା ଭକ୍ତମାନଙ୍କୁ ମହାପ୍ରସାଦ କିଣି ଆଣିବାକୁ କହି ୫ଶହ ଟଙ୍କାର ମହାପ୍ରସାଦ ହଜାରରୁ ୧୨ଶହ ଟଙ୍କା କହି ଲୁଟୁଛନ୍ତି । ସେହିଭଳି ଆନନ୍ଦବଜାରରେ ଭକ୍ତଙ୍କୁ କଦଳୀ ପତ୍ରରେ ଖାଇବାକୁ ଦେବାକୁ କହି ସୁଆର ମହାସୁଆରଙ୍କଠାରୁ ଯେଉଁ ମହାପ୍ରସାଦ ୫୦ରୁ ୬୦ ଟଙ୍କାରେ କିଣୁଛନ୍ତି, ତାକୁ ୧୨୦ରୁ ୧୫୦ ଟଙ୍କାରେ ବିକ୍ରି କରୁଛନ୍ତି । ଏମାନଙ୍କୁ କୌଣସି ପରିଚୟପତ୍ର ମିଳିନଥିଲେ ବି ଜେଟିପି, ସେବାୟତ, ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀଙ୍କୁ ହାତ କରି ଏଭଳି ଲୁଟ୍‌ର ବାଟ ତିଆରି କରିଛନ୍ତି । ଏଥିପାଇଁ ସବୁ ସୁଆର ମହାସୁଆର ବଦନାମ ହେଉଛନ୍ତି ବୋଲି ସଂପୃକ୍ତ ସେବକ କହିଛନ୍ତି । ଅନ୍ୟପଟେ ଯେଉଁ ମହାପ୍ରସାଦ କୁଢୁଆ ଭକ୍ତ ଅଢ଼େଇ ଶହ ଟଙ୍କାରେ କିଣୁଥିଲା, ତାହା ଏବେ ୭ଶହରୁ ୧୨ଶହ ଟଙ୍କା ଦେଇ କିଣୁଛି । ଫଳରେ ଭକ୍ତମାନେ ଶ୍ରୀମନ୍ଦିରରୁ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି । ଧର୍ମମାସ କାର୍ତ୍ତିକରେ ଏହି ଯନ୍ତ୍ରଣା ଦ୍ୱିଗୁଣିତ ହୋଇଯାଇଛି । ମହାପ୍ରସାଦ ଟିକେ ପାଇବା ପାଇଁ ଆତୁର ଗରିବ ଭକ୍ତ ମହାପ୍ରସାଦ ନ କିଣି ପାରି ମନ କଷ୍ଟରେ ଘରକୁ ଫେରୁଛି । ସମାନ ସ୍ଥିତି ହବିଷ୍ୟାଳୀଙ୍କର । ଯେଉଁମାନେ ହବିଷ୍ୟାଳୀ ଶିବିରରେ ରହୁଛନ୍ତି ସେମାନଙ୍କ କଥା ଭିନ୍ନ, କିନ୍ତୁ ଯେଉଁମାନେ ବାହାରେ ଭଡ଼ାରେ ରହି କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି ଓ ହବିଷ୍ୟାନ୍ନ ସେବନ କରୁଛନ୍ତି, ସେମାନଙ୍କ ପାଇଁ ଏହା କଷ୍ଟ ଦେଉଛି । ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ନେତୃତ୍ୱରେ ଏହାର ତର୍ଜମା ପାଇଁ ସ୍ୱତନ୍ତ୍ର କମିଟି ବି ଗଠନ ହୋଇଛି । ଆନନ୍ଦବଜାର ଶୃଙ୍ଖଳା ଦାୟିତ୍ୱ ସୁଆର ମହାସୁଆର ନିଯୋଗ ମୁଣ୍ଡାଇଛି । ତଥାପି ଭକ୍ତମାନେ ଶୋଷଣର ଶିକାର ହେଉଛନ୍ତି ।

ବିଶ୍ୱ ହାତ ଧୂଆ ଦିବସ ପାଳିତ

ଜୟପୁର ,୧୬/୧୦ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରର ଜୁନିୟର ରେଡକ୍ରସ୍ ଶାଖା ତରଫରୁ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ସିମାଞ୍ଚଳ ମିଶ୍ରଙ୍କ ସଭାପିତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଓ ଜୁନିୟର ରେଡକ୍ରସ ପରାମର୍ଶଦାତା ଯଜ୍ଞେଶ୍ୱର ପଣ୍ଡା ଯୋଗଦେଇ ହାତ ଧୂଆ କୌଶଳ ଓ ହାତ ଧୂଆର ଉପକାରିତା ବିଷୟରେ ଆଲୋକପାତ କରିଥିଲେ । ପରେପରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ନିଜ ନିଜର ହାତକୁ ସାବୁନ ଓ ହ୍ୟାଣ୍ଡୱାସ ଦ୍ୱାରା ସଫା କରି ହାତ ଧୋଇଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ପ୍ରଭାତ କୁମାର ରଥ, ବିଶ୍ୱରଂଜନ ଗୌଡ଼ , ସୁବର୍ଣ୍ଣ କୁମାରୀ ଖୁଲ, ସୁଚରିତା ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ରେଡକ୍ରସ ପରାମର୍ଶଦାତ୍ରୀ ଶୁଭସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି ନିଜ ନିଜର ହାତ ଧୋଇ ନିଜ ପରିବାର, ସାହି ଓ ଗ୍ରାମରେ ‘ ସ୍ୱଚ୍ଛ ହାତ ଉତ୍ତମ ସ୍ୱାସ୍ଥ୍ୟ’ ର ସଚେତନତା ବାର୍ତ୍ତା ପହଞ୍ଚାଇବା ପାଇଁ ଶପଥ ଗ୍ରହଣ କରିଥିଲେ ।

ଏୟୁସିସି ବ୍ୟାଙ୍କ୍ ସୁଧ କେଳେଙ୍କାରୀ : ଦୁଇ ପୂର୍ବ ବ୍ୟାଙ୍କ ସଭାପତି ଓ ସିଇଓଙ୍କୁ କୋଟିଏ ଟଙ୍କାର ଦଣ୍ଡାଦେଶ

ଅନୁଗୁଳ : ଅନୁଗୁଳ ସଂଯୁକ୍ତ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ୍ (ଏୟୁସିସି)ର କାମାକ୍ଷାନଗର ଶାଖାର ଚର୍ଚ୍ଚିତ ସୁଧ କେଳେଙ୍କାରୀ ମାମଲାର ରାୟ ପ୍ରକାଶ ପାଇଛି । ଘଟଣାର ଛାନ୍‌ଭିନ୍ କରି ଡେପୁଟି ରେଜିଷ୍ଟ୍ରାର ଅଫ୍ କୋ-ଅପ୍‌ରେଟିଭ୍ ସୋସାଇଟି, ଢେଙ୍କାନାଳ ଏ ଦୁର୍ନୀତି ପାଇଁ ମୋଟ୍ ୪ ଜଣଙ୍କୁ ଦାୟୀ କରିଛନ୍ତି । ସେମାନେ ହେଲେ, ଏୟୁସିସି ବ୍ୟାଙ୍କ୍‌ର ତତ୍କାଳୀନ ସଭାପତି ବିଭୁଦେନ୍ଦୁ ପଟ୍ଟନାୟକ, ତତ୍କାଳୀନ ସଭାପତି ଅକ୍ଷୟ ମହାନ୍ତି, ସିଇଓ ଏନ୍.ଏନ୍. ଦାସ ଏବଂ ବ୍ୟାଙ୍କିଂ ଆସିଷ୍ଟାଣ୍ଟ୍ ସଞ୍ଜୟ ଶତପଥୀ । ମୋଟ୍ କୋଟିଏ ୩୭ ଲକ୍ଷ ଟଙ୍କା ଏହି ଚାରି ଜଣଙ୍କଠାରୁ ଭରଣା କରିବା ପାଇଁ ଡେପୁଟି ରେଜଷ୍ଟ୍ରାର ନିଜ ରାୟରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି । ପ୍ରତ୍ୟେକଙ୍କଠାରୁ ୩୪ଲକ୍ଷ ୩୭ହଜାର ୯୫୦ ଲେଖାଏଁ ଟଙ୍କା ଆଦାୟ କରିବାକୁ ରାୟରେ କୁହାଯାଇଛି ।



ସୂଚନା ମୁତାବକ, ଏୟୁସିସି ବ୍ୟାଙ୍କ୍ କାମାକ୍ଷାନଗର ଶାଖାରେ ସୁଧ ନାଁରେ ଲୋକଙ୍କ ଟଙ୍କା ହରିଲୁଟ୍ କରାଯାଇଥିବା ଘଟଣା ପ୍ରଘଟ ହୋଇଥିଲା । ୨୦୦୮ରୁ ୨୦୧୬ ମସିହା ମଧ୍ୟରେ କିସ୍ତି କିସ୍ତି କରି ମୋଟ୍ ପ୍ରାୟ ତିନି କୋଟି ଟଙ୍କା ଚଳୁ କରାଯାଇଥିବା ଭିନ୍ନ ଭିନ୍ନ ଅଡିଟ୍ ରିପୋର୍ଟରୁ ଜଣାପଡ଼ିଥିଲା । ବ୍ୟାଙ୍କ୍‌ର ହିତାଧିକାରୀଙ୍କ ଆକାଉଣ୍ଟ୍‌କୁ ଆବଶ୍ୟକତାଠାରୁ ଢେର ଗୁଣ ଅଧିକ ଟଙ୍କା ସୁଧ ପେଠ କରାଯାଇଥିଲା । ହିତାଧିକାରୀଙ୍କ ଜାଲ୍ ଦସ୍ତଖତ କରି ଉକ୍ତ ଖାତାରୁ ଟଙ୍କା ଉଠାଣ କରି ଗାଏବ କରାଯାଇଥିଲା । ୩ଟି ଅଡିଟ୍ ରିପୋର୍ଟ ବ୍ୟାଙ୍କ୍‌ର କେବଳ ଏହି ଗୋଟିଏ ଶାଖାରୁ ପ୍ରାୟ ତିନି କୋଟି ଟଙ୍କାର କେଳେଙ୍କାରୀ କରାଯାଇଥିବା ଘଟଣାର ଖୁଲାସା କରିଥିଲା ।

ଏନେଇ ବ୍ୟାଙ୍କ୍ କର୍ତ୍ତୃପକ୍ଷ କୋ-ଅପରେଟିଭ୍ ରେଜିଷ୍ଟ୍ରାରଙ୍କ ନିକଟରେ ତିନି କୋଟି ଟଙ୍କାର ମୋଟ୍ ତିନିଟି ଡିସ୍‌ପୁଟ୍ କେସ୍ କରିଥିଲେ । ଯାହାର ବିଚାର କରିବାକୁ ରେଜିଷ୍ଟ୍ରାର ଢେଙ୍କାନାଳ ଡେପୁଟି ରେଜିଷ୍ଟ୍ରାରଙ୍କୁ ଦେଇଥିଲେ ।

ମୋଟ୍ ତିନିଟି ମାମଲାରୁ ଗୋଟିଏ ମାମଲାର ରାୟ ଇତିମଧ୍ୟରେ ପ୍ରକାଶ ପାଇଛି । ଏହି ମାମଲାରେ କୋଟିଏ ୩୭ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବା ବେଳେ ଏଥିପାଇଁ ଦୁଇ ଜଣ ପୂର୍ବତନ ବ୍ୟାଙ୍କ୍ ସଭାପତି, ପୂର୍ବତନ ସିଇଓ ଏବଂ ବ୍ୟାଙ୍କିଂ ଆସିଷ୍ଟାଣ୍ଟ୍‌କୁ ଡେପୁଟି ରେଜିଷ୍ଟ୍ରାର ନିଜ ତଦନ୍ତ ରିପୋର୍ଟରେ ଦାୟୀ କରିଛନ୍ତି ।

ଜିଲ୍ଲାସ୍ତରୀୟ ଯୁବ ଉତ୍ସବ-ଯୁବ ସମ୍ବାଦ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର ,୧୬/୧୦ (ନି.ପ୍ର): ଏହି ମାଟିର କଳା,ସଂସ୍କୃତି,ପରମ୍ପରା ଭିନ୍ନ ଏକ ପରିଚୟ ସୃଷ୍ଟି କରିଛି । ଏଠାକାର ଯୁବପିଢିଙ୍କ ସ୍ୱତନ୍ତ୍ରତା ରହିଛି । କେବଳ ଜିଲ୍ଲା କି ରାଜ୍ୟ ନୁହେଁ ଦେଶ ବିଦେଶରେ ପରିଚିତ । କିନ୍ତୁ ବର୍ତ୍ତମାନ ନୂତନ ଯୁବପିଢିଙ୍କ ମଧ୍ୟରେ ସଚେତନତା ଅଭାବ ଯୋଗୁଁ ଭୁଲ ବାଟରେ ଯାଉଛନ୍ତି । ତେଣୁ ଭୁଲ ରାସ୍ତାରେ ଯିବା ପୂର୍ବରୁ ଭୁଲ ଠିକ ବିଚାର କରିବାର ଆବଶ୍ୟକତା ରହିଛି । ଯୁବପିଢି ଚାହିଁଲେ ଦେଶ ପରିବର୍ତ୍ତନ ହୋଇପାରିବ ବୋଲି ସ୍ଥାନୀୟ ସଂସ୍କୃତି ଭବନ ଓ ଯୋଜନା ଓ ସମନ୍ୱୟ ସଭାଗୃହ ରେ ଜିଲାସ୍ତରୀୟ ଯୁବ ଉତ୍ସବ-ଯୁବ ସମ୍ବାଦ କାର୍ଯ୍ୟକ୍ରମରେ ଗରୁତ୍ୱାରୋପ କରିଛନ୍ତି ଅତିଥି ବୃନ୍ଦ । ନେହେରୁ ଯୁବ ଆନୁକୂଲ୍ୟରେ ସଂସ୍କୃତି ଭବନ ପରିସରରେ ଆୟୋଜିତ ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅବୋଲୀ ସୁନିଲ ନରୱଣେ, ମୁଖ୍ୟ ବକ୍ତା ଭାବେ ଡକ୍ଟର ଜ୍ୟୋତି ରଞ୍ଜନ ବହିଦାର ,ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରୟଣ ଦାଶ ,ଜିଲ୍ଲା ଯୁବ ଅଧିକାରୀ ଏଭି ନରସିମ୍ହା କୁମାର, ଶରତ କୁମାର ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ । ସଭାକୁ ପ୍ରଦ୍ୟୁମ୍ନ ସାହୁ ପରିଚାଳନା କରିଥିଲେ । ଯୁବ ଉତ୍ସବ-ଯୁବ ସମ୍ବାଦ କାର୍ଯ୍ୟକ୍ରମ ଅବସରରେ ଜିଲ୍ଲା ର ବିଭିନ୍ନ ଯୁବକ ଯୁବତୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଆୟୋଜିତ ହୋଇଥିଲା । ଭାଷଣରେ ପ୍ରବକ୍ତା ସ୍ୱାଗତ କୁମାର ମିଶ୍ର ଜ୍ୟୋତିମୟୀ ନାଗ, ମୌସୁମୀ ରଣା ଓ ଯୁବ ସମ୍ମେଳନରେ ସନିଆ ମହାକୁଡ଼, ଅଭିଷେକ, ଶୁଭମ ପରମିତା ଯଥାକ୍ରମେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି କବିତା ପାଠରେ ଲକ୍ଷ୍ମୀପ୍ରିୟା ବାଘ, ଉତ୍କଳିକା, ଅବନୀ, ଚିତ୍ରାଙ୍କନରେ ରୋହନ ମେହେର, ସୁମନ୍ତ ପରମିତା ପାଣିଗ୍ରାହୀ ଓ ଫଟୋଗ୍ରାଫିରେ ସୋଲାଙ୍କି ହୋତା, ପ୍ରବୀଣ ଗୁରୁ, ଅଶୁତୋଷ ପ୍ରଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଦଳଗତ ନୃତ୍ୟ ପ୍ରତିଯୋଗିତାରେ ବୀଣାପାଣି ସାହିତ୍ୟ କଳା ସାଂସଦ, ବଡ଼କର୍ଲେ ଡୁଙ୍ଗୁରିପାଲି ପ୍ରଥମ ହୋଇଥିବା ବେଳେ ରାମପୁର ମହିଳା ମହାବିଦ୍ୟାଳୟ ଓ ନିୟୁଷ୍ଟାର କ୍ଲବ , ଝୁପୁଡିପଡ଼ା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ନେହେରୁ ଯୁବ କେନ୍ଦ୍ରର ଏପିଏ ବିପିନ ବିହାରୀ ଜେନା ସଂଯୋଜନା କରିଥିଲେ । ଏହି କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଭାଗନେବେ ବୋଲି ଜଣାପଡ଼ିଛି । ପ୍ରତିଯୋଗୀତା ଗୁଡ଼ିକରେ ବିଚାରକ ଭାବେ ପ୍ରଦ୍ୟୁମ୍ନ ସାହୁ, ଡ଼ଃ ଜ୍ୟୋତି ରଞ୍ଜନ ବହିଦାର, ଚୌଧୁରୀ ବିଭାର, ଶ୍ରୀଧର ବାଘ, ଗତିକୃଷ୍ଣ ମିଶ୍ର, ଦିନେଶ ରଞ୍ଜନ ମିଶ୍ର, ଜ୍ୟୋତି ଆଦିତ୍ୟ ପିନାକୀ ପଣ୍ଡା, ସୌରଭ ରଞ୍ଜନ ଖମାରୀ,ଶ୍ୟାମ ସୁନ୍ଦର ମେହେର, ରଞ୍ଜୀତା ପଣ୍ଡା ଦିଲ୍ଲୀପ କୁମାର ସିଂ ଦେଓ ପ୍ରମୁଖ ଯୋଗଦେଇଥିଲେ । ଅନ୍ୟମାନଙ୍କ ମାଧ୍ୟରେ ଶମ୍ଭୁ ବିଶ୍ୱଜିତ ହୃଷିକେଶ, ଧବଳେଶ୍ୱର, ଅଜିତ,ଜଗତ, କୃପାସିନ୍ଧୁ ସା, ରାକେଶ ଙ୍କ ସମେତ ଜିଲାର ସମସ୍ତ ବ୍ଲକର ଜାତୀୟ ସ୍ୱେଚ୍ଛାସେବୀ ମାନେ ସକ୍ରିୟ ଅଂଶଗ୍ରହଣ କରି ସହଯୋଗ କରିଥିଲେ ।

ଚିତ୍ରଗୁପ୍ତ ପୂଜା ପ୍ରସ୍ତୁତି ବୈଠକ

ସୁବର୍ଣ୍ଣପୁର ,୧୬/୧୦ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ଗୃହ ଠାରେ ଚିତ୍ରଗୁପ୍ତ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଗତ ଦୁଇ ବର୍ଷ କରୋନା କଟକଣା ଯୋଗୁଁ ପୂଜା କଟକଣା ଭିତରେ ପାଳନ କରାଯାଇଥିଲା । ତେଣୁ ଚଳିତ ବର୍ଷ ପୂଜା ଭଲ ଭାବରେ କିପରି ହୋଇପାରିବ ସେ ନେଇ ଆଲୋଚନା କରାଯାଇଥିଲା । ସୁବର୍ଣ୍ଣପୁର ଜିଲ୍ଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ସଭାପତି ପ୍ରକାଶ ଚନ୍ଦ୍ର ବେବର୍ତ୍ତା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଦେବ କିଶୋର ଦାନୀ, କୋଷାଧକ୍ଷ ଜ୍ୟୋତି ପଟ୍ଟନାୟକ, ଉପଦେଷ୍ଟା ଜ୍ୟୋତି ରଞ୍ଜନ ବହିଦାର, ମଦନ ମୋହନ ଦାନୀ, ନିଶିକାନ୍ତ ପଟ୍ଟନାୟକ, ରାଜେଶ ପଟ୍ଟନାୟକ, ରଜତ

ଚିକିତ୍ସା

ଅସ୍ତ୍ରୋପଚାର ବିନା ଚିକିତ୍ସା

ଅଣ୍ଟାବ୍ୟଥା ଏବେ ପ୍ରାୟ ପ୍ରତ୍ୟେକଙ୍କୁ ଆକ୍ରାନ୍ତ କରୁଥିବା ବେଳେ ଏହାର ମୁଖ୍ୟତଃ ଦୁଇଟି କାରଣ ରହିଛି । ଆଗକୁ ନଇଁ ଭାରି ଜିନିଷ ଉଠାଉଥିବା ବେଳେ ମେରୁଦଣ୍ଡ ଦୁଇପାଖରେ ସକଅବଜର୍ଭର ଭାବେ କାମ କରୁଥିବା ଡିସ୍କ ଖସିଯାଏ । ଏହାକୁ କହନ୍ତି ସ୍ଲିପ୍ ଡିସ୍କ । ଅନ୍ୟ ଏକ ସମସ୍ୟାରେ ବୟସ ବଢ଼ିଲେ ମେରୁଦଣ୍ଡ କେନାଲର ବ୍ୟାସାର୍ଦ୍ଧ, ଧୀରେଧୀରେ କମିଯାଏ ଓ ସୁଷୁମ୍ନାକାଣ୍ଡକୁ ଚାପିଦିଏ । ଏହାଦ୍ୱାରା ସିଆଟିକ୍ ସ୍ନାୟୁ ଉପରେ ଚାପ ଆସି ଅଣ୍ଟାକୁ ଚାପିଦିଏ । ଏହାଦ୍ୱାରା ସିଆଟିକ୍ ସ୍ନାୟୁ ଉପରେ ଚାପ ଆସି ଅଣ୍ଟାରୁ ଗୋଡ଼ ପର୍ଯ୍ୟନ୍ତ ବିନ୍ଧେ । ଗୋଡ଼ ଝିମଝିମ ହୋଇ କାଲୁଆ ପଡ଼ିଯାଏ । ଚାଲିଲାବେଳେ ଗୋଡ଼ ବାନ୍ଧିରଖେ ଓ ଚାଲିବାର ଦୂରତା କମିଆସେ । ବେଳେବେଳେ ମଳମୂତ୍ର ତ୍ୟାଗର ବେଗ ଉପରେ ନିୟନ୍ତ୍ରାଶ ରହେନାହିଁ । ଏହାକୁ ସିଆଟିକା ମଧ୍ୟ କହନ୍ତି । ଏବେ ଏସବୁ ସମସ୍ୟାର ଚିକିତ୍ସା ଅତ୍ୟାଧୁନିକ ଏଣ୍ଡୋସ୍କାଇନ ସାହାଯ୍ୟରେ କରାଯାଇପାରୁଛି । ଏଥିରେ ଅସ୍ତ୍ରୋପଚାରୀ କରାଗଲେ ମଧ୍ୟ ଷ୍ଟିଚ ଦରକାର ହୁଏନି ।

ଏହି ଅସ୍ତ୍ରୋପଚାର ବେଳେ ଏକ ସେଣ୍ଟିମିଟର ବ୍ୟାସାର୍ଦ୍ଧର ଛୋଟ କଣା କରାଯାଏ । ୨୫ମିନଟ୍ ମଧ୍ୟରେ ଅସ୍ତ୍ରୋପଚାର ବେଳେ ଏକ ସେଣ୍ଟିମିଟର ବ୍ୟାସାର୍ଦ୍ଧର ଛୋଟ କଣା କରାଯାଏ । ୨୫ମିନିଟ୍ ମଧ୍ୟରେ ଅସ୍ତ୍ରୋପଚାର ଶେଷ ହେବା ସହ ମାତ୍ର ୧୦ମିଲି ରକ୍ତ କ୍ଷୟ ହୁଏ । ଅସ୍ତ୍ରୋପଚାରର ଦୁଇଘଣ୍ଟା ପରେ ରୋଗୀ ଚାଲିପାରେ । ହସପିଟାଲରେ ଦୁଇ ଦିନ ରହିବାକୁ ପଡ଼େ ଏବଂ ସାତଦିନ ମଧ୍ୟରେ ରୋଗୀ କାମରେ ଯୋଗଦେଇପାରନ୍ତି । ଏହି ଅସ୍ତ୍ରୋପଚାର ସମୟରେ ସୁଷୁମ୍ନାକାଣ୍ଡରୁ ବାହାରିଥିବା ସ୍ନାୟୁକୁ ଅଲଗା କରି ରଖିବା ଲାଗି ସ୍ୱତନ୍ତ୍ର ଭାବେ ଏକ ଯନ୍ତ୍ର ରହିଛି । ଏହା ଏକ ଅତି ସୂକ୍ଷ୍ମ ଟେଲିସ୍କୋପିକ ଯନ୍ତ୍ର ଭଳି ଆଗରୁ ଅସ୍ତ୍ରୋପଚାର ବେଳେ କେତେକ କ୍ଷେତ୍ରରେ ରକ୍ତମାଂସ ମଝିରେ ରହିଥିବା ସରୁସ୍ନାୟୁ କାଟି ହୋଇଯାଉଥିଲା । ଫଳରେ ରୋଗୀଙ୍କ ପାଦ ଝୁଲିପଡ଼େ ,ବଂ ପରାଲିସିସ୍ ହେବାର ଆଶଙ୍କା ଦେଖାଯାଏ । ଏହାକୁ ଫୁୟଡ୍ରପ୍ ବୋଲି କହନ୍ତି ଏବେ ଅତ୍ୟାଧୁନିକ ଯନ୍ତ୍ରରେ ଅସ୍ତ୍ରେପଚାର ଦ୍ୱାରା ଏହି ଆଶଙ୍କା ଏଡାଯାଇପାରିଛି । ଏଥିସହିତ ସେଣ୍ଟ୍ରାଲଡିସ୍କ ପାରାସେଣ୍ଟ୍ରାଲ ହିସ୍କ ଲାଟେଲାଲ ଡିସ୍କ, ଫାରାଲାଟେରାଲ ଡିସ୍କ ଏବଂ ଫୋରାମିନାଲ ଡିସ୍କ ଆଦି ରୋଗ ସହଜରେ ଚିକିତ୍ସା କରାଯାଇପାରୁଛି । ଏହି ଯନ୍ତ୍ର ଦ୍ୱାରା ବାମ ପାଖରେ ପଶି ଡାହାଣ ପାଖକୁ ଭିତରେ ଭିତରେ ଯାଇ ଲାମିନା ବା ଫେସେଟ୍ ବୟସଜନିତ ହାଡ଼ର ଅଧିକ ବୃଦ୍ଧି ହାଇପରଟ୍ରଫ୍ ଲିଗାମେଣ୍ଟକୁ ମଧ୍ୟ ସଫା କରିହୁଏ । ଏହି ଅସ୍ତ୍ରୋପଚାର ସାଧାରଣ ଅସ୍ତ୍ରୋପଚାରଠାରୁ କମ ସମୟ ଓ କମ ଖର୍ଚ୍ଚରେ ହୋଇଥାଏ ।

କୁକୁରଙ୍କ ପାଇଁ କେଫ୍

ଫ୍ରିଟନ ଆମେରିକା ପରି ବିଦେଶୀ ରାଷ୍ଟ୍ରରେ ପୋଷାଜନ୍ତୁଙ୍କ ନିମନ୍ତେ ସ୍ୱତନ୍ତ୍ର କେଫ୍, ବ୍ୟୁଟିପାର୍ଲର ରହିଛି । ଭାରତରେ ମଧ୍ୟ ପଶୁପ୍ରେମୀଙ୍କ ସଂଖ୍ୟା ମଧ୍ୟ କିଛି କମ ନୁହେଁ । ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀର ଦୁଇ ଶିଳ୍ପପତି ମହିଳା ମଲ୍ଲିକା ଓ ନୈନିକା ଟଣ୍ଡନ ୨୦୧୬ରେ କୁକୁରଙ୍କ ପାଇଁ ସ୍ୱତନ୍ତ୍ର କେଫ୍ ଖୋଲିଥିଲେ । ରାଜଧାନୀ ଦିଲ୍ଲୀରେ ଏକ କେଫ ଖୋଲାଯାଇଥିବା ଏହି କେଫରେ ଦିନକୁଦିନ ଗ୍ରାହକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଯେଉଁଠାକୁ ମାଲିକମାନେ ନିଜ ପୋଷାକୁକୁରକୁ ନେଇକରି ଯାଇପାରିବେ । ଏହି କେଫକୁ ବର୍ତ୍ତମାନ କେବଳ କୁକୁରଙ୍କ ପ୍ରବେଶ ପାଇଁ ଅନୁମତି ରହିଛି । ଆଗାମୀ ଦିନରେ ବିଲେଇଙ୍କୁ ପ୍ରବେଶର ଅନୁମତି ମିଳିବ । କଫି ଦୋକାନର ନାମ "ପପିଚିନୋ' ରଖାଯାଇଛି । ଜଣେ ବ୍ୟକ୍ତି ନିଜ ପାଇଁ ଚା,

କଫି, ପିଜ୍ଜା ବରାଦ ଦେଇପାରିବା ସହ ପୋଷା କୁକୁର ପାଇଁ ମଧ୍ୟ ତା ମନ ପସନ୍ଦର ଖାଦ୍ୟ ମଗାଇପାରିବ । ଏହା ସହ କୁକୁରଙ୍କ ଖେଳିବା ନିମନ୍ତେ ଏକ ପଡ଼ିଆ ମଧ୍ୟ ରହିଛି । ଦିଲ୍ଲୀରେ ଅଧିକାଂଶ ଲୋକଙ୍କ କୁକୁର ପାଳିବାର ସଉକ ବଢୁଥିବାର ଦେଖାଯାଉଛି ।

ବୁଦ୍ଧିମତ୍ତା ବଢ଼ାଏ ଫଳମୂଳ

ତଟକା ଫଳମୂଳ ଆମ ଶରୀର ପାଇଁ କେତେ ଉପକାରୀ ତାହା କହିବା ବାହୁଲ୍ୟ । ବିଶେଷ ଭାବରେ ଏହାକୁ ଯଦି ଆମେ ବ୍ରେକଫାଷ୍ଟରେ ସାମିଲ କରିବା ତେବେ ତାହାର ଉପକାରୀ ଗୁଣକୁ ଉପଲବ୍ଧ କରିହେବ । ଫଳମୂଳ ଖାଇବା ଦ୍ୱାରା ବୁଦ୍ଧିମତ୍ତାର ବିକାଶ ଘଟିଥାଏ । ଏପରି ଏକ କୌତୂହଳପୂର୍ଣ୍ଣ ତଥ୍ୟ ନିକଟରେ ଲୋକଲୋଚନକୁ ଆସିଛି । 'ତଟକା ଫଳମୂଳ ଓ ବୁଦ୍ଧିମତ୍ତା' ବିଷୟବସ୍ତୁ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ପୁଷ୍ଟି ବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ । ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମୀତ ବ୍ରେକଫାଷ୍ଟରେ ତଟକା ଫଳମୂଳ ଖାଇବାକୁ ପରାମର୍ଶ ଦିଆଯାଇଥିଲା । ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଏହାଦ୍ୱାରା ସେମାନଙ୍କର ବୁଦ୍ଧିମତ୍ତାର କିପରି ବିକାଶ ହେଉଛି ତାହାକୁ ତନ୍ନତନ୍ନ କରି ନିରୀକ୍ଷଣ କରାଯାଇଥିଲା । ଆଶ୍ଚର୍ଯ୍ୟଜନକ ଭାବରେ ଏହାକୁ ଖାଇବା ଦ୍ୱାରା ସେମାନଙ୍କର ବୁଦ୍ଧିମତ୍ତାର ବିକାଶ ହେଉଥିବାର ସେମାନେ ଜାଣିପାରିଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଅନ୍ୟପକ୍ଷରେ ବ୍ରେକଫାଷ୍ଟ ନିୟମିତ କରିବା ସହ ଏହି ତାଲିକାରେ ତଟକା ଫଳମୂଳ ସାମିଲ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି ।

ଚକ୍ଷୁ ପାଇଁ ଯୋଗ

ଆଖି ପାଇଁ ରହିଛି ବିଭିନ୍ନ ପ୍ରକାର ଯୋଗ ଏବଂ ବ୍ୟାୟାମ । ଏହା ନିୟମିତ କରିବା ଦ୍ୱାରା ଦୃଷ୍ଟିଶକ୍ତି ଭଲ ରହେ । ଏହାଦ୍ୱାରା ଆଖିପତା ଓ ଚକ୍ଷୁର ବାହାର ମାଂସପେଶୀକୁ ଅଧିକ ମାତ୍ରାରେ ରକ୍ତ ସଂଚାଳନ ହୋଇଥାଏ ।

ଶୀର୍ଷାସନ: ମୁଣ୍ଡ ତଳକୁ କରି ଗୋଡ ଉପରକୁ କରିବା ସହ ଏହି ଆସନ କରାଯାଇଥାଏ । ଏହାଦ୍ୱାରା ଚକ୍ଷୁ ଭିତରକୁ ରକ୍ତ ସଂଚାଳନ ହୁଏ । ଯାହାକି ଅନ୍ୟାନ୍ୟ ଉପଯୋଗିତା ସହ ଚକ୍ଷୁକୁ ସୁସ୍ଥ ରଖେ । ଏହା ଯୁବାବସ୍ଥାରେ କରିବା ଭଲ । ଉଚ୍ଚ ରକ୍ତଚାପ ଭୋଗୁଥିବା ରୋଗୀ ଓ ବାର୍ଧକ୍ୟ ଅବସ୍ଥାରେ ଏହି ଆସନ କରିବା ଅନୁଚିତ । ଏହାଦ୍ୱାରା ଚକ୍ଷୁ ଭିତର ଦୁର୍ବଳ ଶିରାପ୍ରଶିରାରୁ ରକ୍ତସ୍ରାବ ହେବାର ସମ୍ଭାବନା ଥାଏ ।

ବଜ୍ରାସନ: ବଜ୍ରାସନ ଦୃଷ୍ଟିଶକ୍ତିରେ ସୁସ୍ଥତା ଆଣିଥାଏ । ତେବେ ଏହା ଅଧିକ ଲାଭପ୍ରଦ ହୁଏ । ଏହି ଆସନରେ ବସି ମୁହଁକୁ ଖୋଲାକରି ଜିଭକୁ ଆଗକୁ ଆଣନ୍ତୁ ଏବଂ ଉପରକୁ ଚାହାନ୍ତୁ । ୧୦ ସେକେଣ୍ଡ ପରେ ଜିଭକୁ ଭିତରକୁ ନେଇ ମୁହଁ ବନ୍ଦ କରି ଆଖିକୁ ଧୀରେ ବନ୍ଦକରି ୨୦ ସେକେଣ୍ଡ ରଖନ୍ତୁ । ଏହି କ୍ରିୟାକୁ ୫ ରୁ ୬ ଥର କରନ୍ତୁ । ଏହି ଆସନ ବ୍ୟତୀତ ଯୋଗମୁଦ୍ରାସନ, ପଦ୍ମାସନ ଏବଂ ସର୍ବାଙ୍ଗାସନ ଚକ୍ଷୁକୁ ସୁସ୍ଥ ରଖିଥାଏ । ସାକାଳୁ ଉଠି ପାପୁଲି ଘଷି ଆଖିରେ ହାଲ୍କା ସ୍ପର୍ଶ ଦିଅନ୍ତୁ । ପରେ ପରେ ଆଖିରେ ପାଣି ଛାଟନ୍ତୁ । ଏହା ଆଖିକୁ ପରିଷ୍କାର ଏବଂ ସୁସ୍ଥ ରଖେ ।

ଦୁର୍ଭାଗ୍ୟ ଦୂର କରିବ କାକଟସ୍

ବାସ୍ତୁଶାସ୍ତ୍ର ଅନୁସାରେ କାକଟସ ଗଛ ଲଗାଇବା ପରିବାର ପାଇଁ ଖରାପ ହୋଇଥାଏ । ଏହି ଘଛ ଲଗାଇବା ଦ୍ୱାରା ସବୁ କାମରେ ବିଫଳ ହେବା ସହ ନିଜ ଭାଗ୍ୟ ମଧ୍ୟ ଆପଣଙ୍କ ହାତ ଛାଡ଼ି ଦେଇଥାଏ । କିନ୍ତୁ ଯଦି ଆପଣଙ୍କ ଘରଠାରୁ ୫୦ ମିଟର ଦୂରରେ ଦକ୍ଷିଣ ଓ ପଶ୍ଚିମ ଦିଗରେ ଏହି କାକଟସ ଗଛ ରହିଛି, ତେବେ ଏହା ଆପଣଙ୍କ ପାଇଁ ଅତ୍ୟନ୍ତ ଶୁଭଦାୟକ ହୋଇଥାଏ । ଏହା ଆପଣଙ୍କ ଭାଗ୍ୟକୁ ପରିବର୍ତ୍ତନ କରିବାରେ ବିଶେଷ ସହାୟକ ହୁଏ । ପଦୋନ୍ନତିରେ ଅସୁବିଧା ହେଉଥିଲେ:- ଘରର ଦକ୍ଷିଣ-ପଶ୍ଚିମ ଦିଗରେ

ଥିବା କାକଟସ ଗଛରେ ପ୍ରତିଦିନ କ୍ଷୀର ଓ ପାଣି ଢ଼ାଳିବା ଦ୍ୱାରା ଆପଣଙ୍କ ପଦୋନ୍ନତିର ଉପୁଜୁଥିବା ଅସୁବିଧା ସମାପ୍ତ ହୋଇଥାଏ ।

ଟେନସନ ଦୂର କରେ:- ରାତିରେ ଶୋଇବା ପୂର୍ବରୁ ଏକ ତମ୍ବା ପାତ୍ରରେ ପାଣି ରଖି ତାକୁ ସକାଳେ ଉଠିବା ପରେ କାହାସହ କଥା ନ ହୋଇ ସେହି ପାଣିକୁ ନେଇ କାକଟସ ଗଛରେ ଢ଼ାଳି ଦିଅନ୍ତୁ । ଏହାଦ୍ୱାରା ଆପଣ ଦୁର୍ଭାଗ୍ୟ ଦୂର ହୋଇଥାଏ ।

ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ାଏ ଭଲ ପାଇବା

ଭଲପାଇବା ଦମ୍ପତିଙ୍କ ମାନସିକ ସ୍ଥିତି ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ । ଏହା ଯୋଗୁ ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ିଥାଏ । ଏ ନେଇ ଓ୍ୱାଶିଂଟନ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି । ପୁରୁଷମାନଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏଭଳି ଆଚରଣ ଅଧିକ ଦେଖାଯାଏ । ଦାମ୍ପତ୍ୟ ଜୀବନରେ ନିବିଡ଼ ଭଲ ପାଇବା ଯୋଗୁ ମାନସିକ ସ୍ଥିତିରେ ସନ୍ତୁଳନ ସୃଷ୍ଟି ହୁଏ । ଦମ୍ପତି ପରସ୍ପର ବିଷୟରେ ଚିନ୍ତା କରିବା ଛଡ଼ା ଅନ୍ୟ ବାହାର ସମସ୍ୟା ଉପରେ ପ୍ରାୟତଃ ଧ୍ୟାନ ଦେଇ ନଥାନ୍ତି । ଏହା ଯୋଗୁ ମସ୍ତିଷ୍କର ମନେ ରଖିବା ଶକ୍ତି ବଢ଼େ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ତେଣୁ ହଠାତ୍ କୌଣସି ସମସ୍ୟାରେ ପଡ଼ିଲେ ଏହାକୁ ଦମ୍ପତି ସାହସର ସହିତ ମୁକାବିଲା କରିଥାନ୍ତି । ତେବେ ଦାମ୍ପତ୍ୟ ଜୀବନରେ ମନୋମାଳିନ୍ୟ ହେଲେ ମାନସିକ ସ୍ଥିତି ବିଗିଡ଼ି ଯାଇଥାଏ ବୋଲି ଏହି ରିପୋର୍ଟରେ ସୂଚିତ ହୋଇଛି ।

ପ୍ରତିଦିନ ପିଅନ୍ତୁ ଧନିଆ ପାଣି: ଓଜନ ହ୍ରାସ ସହ କମିବ ଥାଇରଏଡ୍

ପ୍ରତିଦିନ ସକାଳେ ଧନିଆ ପାଣି ପିଇବା ଦ୍ୱାରା କେବଳ ଥାଇରଏଡ୍ ଲକ୍ଷଣ କମ୍ ହୁଏ ନାହିଁ ବରଂ ଆପଣଙ୍କ ସ୍ୱାସ୍ଥ୍ୟର ସନ୍ତୁଳନ ମଧ୍ୟ ଠିକ୍ ରହିଥାଏ। ଧନିଆ ପାଣି ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଶରୀରରେ ଫ୍ରି ରେଡିକାଲସ୍‌କୁ ହ୍ରାସ କରିବାରେ ସାହାଯ୍ୟ କରେ।

କେଶ ପାଇଁ ମଧ୍ୟ ଏହା ଉତ୍କୃଷ୍ଟ । ଏଥିରେ ଭିଟାମିନ୍ କେ, ସି ଏବଂ ଏ ଭରପୂର ମାତ୍ରାରେ ରହିଥାଏ। ଏହି ଭିଟାମିନ୍ କେଶକୁ ମଜଭୁତ କରିବା ସହ ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ପ୍ରତିଦିନ ସକାଳେ ଧନିଆ ପାଣି ପିଇବା ଦ୍ୱାରା ଆପଣଙ୍କ କେଶ ଝଡିବା ଏବଂ ଛିଡିବା ଭଳି ସମସ୍ୟା କମ ହୋଇଥାଏ ।

ଥାଇରଏଡ ଲକ୍ଷଣ ଥିବା ବ୍ୟକ୍ତିଙ୍କ ପାଇଁ ଏହା ରାମବାଣ ସଦୃଶ କାମ କରିଥାଏ ବୋଲି କୁହାଯାଏ। ରିପୋର୍ଟ ଅନୁଯାୟୀ ଥାଇରଏଡ୍ ରୋଗୀଙ୍କ ପାଇଁ ଧନିଆ ଜଳ ବେଶ୍ ଲାଭଦାୟକ ହୋଇଥାଏ। ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ । ଧନିଆରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଫ୍ରି ରେଡିକାଲ୍ସ ହ୍ରାସ କରିଥାଏ ଯାହା ଶରୀରର ଓଜନ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ ।

ଏହାକୁ ପ୍ରସ୍ତୁତ କରିବା ପାଇଁ ଏକ ଚାମଚ ଧନିଆ ମଞ୍ଜିକୁ ପାଣିରେ ୫ ମିନିଟ୍ ଫୁଟାନ୍ତୁ। ପାଣି ଅଧା ହେବା

ପର୍ଯ୍ୟନ୍ତ ଏହାକୁ ଫୁଟାନ୍ତୁ। ତା'ପରେ ଏହାକୁ ଛାଣି ପିଅନ୍ତୁ । ସାଧାରଣତଃ ଗର୍ଭବତୀ ମହିଳାମାନେ ଏହି ପାଣିକୁ କମ୍ ପିଇବା ଉଚିତ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି।

ସାବଧାନ ! ଭୋଜନ ପରେ ଖାଉଛନ୍ତି କି ଏହି ସବୁ ଜିନିଷ ?

ପ୍ରତ୍ୟହ ଏମିତି ଖାଦ୍ୟ ଗ୍ରହଣ କରିବା ଉଚିତ ଯାହା ଆମ ଶରୀର ପାଇଁ ଉପଯୋଗୀ। ଅନୁପଯୁକ୍ତ ଖାଦ୍ୟ ବା ହଜମ ନ ହେବା ଖାଦ୍ୟ ଶରୀରରେ ଅନେକ ସମସ୍ୟା ଦେଖା ଦେଇପାରେ। ସେଥିପାଇଁ ଖାଦ୍ୟ ଖାଇବା ଯେତିକି ଆବଶ୍ୟକ ହୋଇଥାଏ ଖାଦ୍ୟର ସଠିକ୍ ମାତ୍ରା ଗ୍ରହଣ କରିବା ମଧ୍ୟ ସେତିକି ଜରୁରୀ ହୋଇଥାଏ। ଖାଦ୍ୟ ଗ୍ରହଣ ନେଇ ସଚେତନ ହେବା ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଆସନ୍ତୁ ଜାଣିବା ଖାଇବା ପୂର୍ବରୁ ଏବଂ ଖାଇବା ପରେ କଣ କଣ ସବୁ ଖାଦ୍ୟ ଗ୍ରହଣ କରିବା ଉଚିତ। ଖାଦ୍ୟ ସମ୍ବନ୍ଧରେ ଅନେକ ଲୋକଙ୍କର ଏକ ଅଭ୍ୟାସ ପ୍ରଣାଳୀ ରହିଛି, କିନ୍ତୁ ବର୍ତ୍ତମାନ ସେହି ଅସ୍ୱାସ୍ଥ୍ୟକର ଅଭ୍ୟାସକୁ ଅଣଦେଖା କରିବାର ଉପଯୁକ୍ତ ସମୟ ଅଟେ।

ଭୋଜନ ପରେ ତୁରନ୍ତ ଗାଧାନ୍ତୁ ନାହିଁ: ବିଶେଷଜ୍ଞଙ୍କ କହିବା ମୁତାବକ ଭୋଜନ ପରେ ତୁରନ୍ତ ଗାଧାନ୍ତୁ ନାହିଁ। କାରଣ ସେହି ସମୟରେ ରକ୍ତ ଖାଦ୍ୟକୁ ପାକସ୍ଥଳୀ ଚାରିପାଖରେ ରହି ହଜମ କରିବାରେ ସାହାଯ୍ୟ କରେ ଏବଂ ଯେତେବେଳେ ଆପଣ ଗାଧୋଇଥାନ୍ତି ଏହାଦ୍ୱାରା ଶରୀରର ତାପମାତ୍ରାରେ ପରିବର୍ତ୍ତନ ଆସିଥାଏ। ଶରୀରକୁ ମୂଳ ତାପମାତ୍ରାକୁ ଫେରାଇ ଆଣିବା ପାଇଁ ରକ୍ତ ପେଟ ପାକସ୍ଥଳୀରୁ ଚର୍ମ ପୃଷ୍ଠକୁ ଚାଲିଆସିଥାଏ ଏବଂ ହଜମ ପ୍ରକ୍ରିୟା ଦୁର୍ବଳ ହୋଇଯାଏ।

ବ୍ୟାୟାମରୁ ଦୂରେଇ ରୁହନ୍ତୁ: ଭୋଜନ ପରେ ଜୋରଦାର ବ୍ୟାୟାମ ହଜମ ପ୍ରକ୍ରିୟାକୁ ବାଧା ଦେଇପାର। ଏହା ବାନ୍ତି, ପେଟ / ପେଟ ଯନ୍ତ୍ରଣା

ଦେଇପାରେ ଭଳି ସମସ୍ୟା ସୃଷ୍ଟି କରିପାରେ।

ଶୋଇବାଠାରୁ ଦୂରେଇ ରୁହନ୍ତୁ: ଭୋଜନ ପରେ ଶୋଇବାର ଇଚ୍ଛା ଏକ ସାଧାରଣ କଥା। ଏହା ହଜମକାରୀ ରସକୁ ବୃଦ୍ଧି କରାଇଥାଏ। ଯାହାଦ୍ୱାରା ହୃଦଘାତ ଭଳି ସମସ୍ୟା ଉପୁଜିପାରେ।

ଖାଇବା ପରେ ପ୍ରଚୁର ପାଣି ପିଅନ୍ତୁ ନାହିଁ: ଖାଇବା ପରେ ପ୍ରଚୁର ପାଣି ପିଅନ୍ତୁ ନାହିଁ। ଏହା ହଜମ ପ୍ରକ୍ରିୟାକୁ ମନ୍ଥର କରିଥାଏ। ଅଧିକ ପାଣି ପିଇବା ଦ୍ୱାରା ପେଟରେ ଏସିଡ୍ ହ୍ରାସ ପାଇଥାଏ ଏବଂ ହଜମ ପ୍ରକ୍ରିୟାକୁ ଖରାପ କରିଥାଏ ।

ଖାଇବା ପରେ ଫଳ ଖାଇବା ଠାରୁ ଦୂରେଇ ରୁହନ୍ତୁ: ଖାଇବା ପରେ ଫଳ ଖାଇବା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇପାରେ। କାରଣ ଏହା ଫଳରୁ ପୋଷକ ତତ୍ତ୍ୱର ଅବଶୋଷଣକୁ ହ୍ରାସ କରିପାରେ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ସମାଧାନ ଅତ୍ୟାବଶ୍ୟକ...

ମହିଳାମାନଙ୍କ ପସନ୍ଦକୁ ପ୍ରାଧାନ୍ୟ ଦିଆଯିବା ଏକ ବିରଳ ଘଟଣା, ବିଶେଷକରି ପୁରୁଷ-ପ୍ରଧାନ ଭାରତୀୟ ସମାଜରେ ଆଉ ଏହା କେତେକ ସମୟରେ ଅତ୍ୟନ୍ତ ସୁସ୍ପଷ୍ଟ ଭାବରେ ଦେଖା ଯାଇଥାଏ । ଉଦାହରଣ ସ୍ୱରୁପ ବର୍ତ୍ତମାନ ମହିଳାମାନଙ୍କ ହିଜାବ୍ ପରିଧାନକୁ ଇରାନ୍ ବାଧ୍ୟତାମୂଳକ କରିବାରେ ବ୍ୟସ୍ତ ରହିଥିବା ବେଳେ ଭାରତରେ କର୍ଣ୍ଣାଟକ ଆଦେଶ ଦେଇଛି ଯେ ଶ୍ରେଣୀଗୃହରେ ହିଜାବ୍ ପରିଧାନ କରାଯାଇ ପାରିବ ନାହିଁ । ଉଭୟ ରାଷ୍ଟ୍ରଙ୍କର ଏପରି ନିଷ୍ପତ୍ତି ଏହି ପ୍ରଥାକୁ ପ୍ରତିବାଦ କରିବା ଦିଗରେ ପଥ କଢ଼ାଇ ନେଇଛି, ଯାହା ଭିନ୍ନ ଭିନ୍ନ ସମାଜରେ ତତ୍କାଳ ଉପାଦାନଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରି ମହିଳାମାନଙ୍କ ମର୍ଯ୍ୟାଦାକୁ ଅସ୍ପଷ୍ଟତାର ଗହ୍ୱର ଭିତରକୁ ଠେଲି ଦେଉଛି । କିନ୍ତୁ ଏହା ଭିତରୁ ବିରୋଧାଭାସକୁ କ୍ୱଚିତ୍ ଏଡ଼ାଇ ଯାଇ ହେବ । ଶିକ୍ଷାନୁଷ୍ଠାନଗୁଡ଼ିକରେ ହିଜାବ୍ ପରିଧାନ ଉପରେ କର୍ଣ୍ଣାଟକ ହାଇକୋର୍ଟଙ୍କ ନିଷେଧାଦେଶ ଜାରି କରାଯିବାର ପ୍ରତିବାଦରେ ସୁପ୍ରିମକୋର୍ଟରେ କରା ଯାଇଥିବା ଆବେଦନ ଉପରେ ପ୍ରଦତ୍ତ ବିଭାଜିତ ରାୟ ଏହିସବୁ ଆନୁଷଙ୍ଗିକ ବିରୋଧାଭାସକୁ ବହନ କରି ଆଣିଛି, ଯେଉଁଥିରୁ କେତେକ ଭାରତରେ ପରିସ୍ଥିତି ଅନୁସାରେ ନିର୍ଦ୍ଦିଷ୍ଟ ଭାବରେ ରହିଛି । ଗୋଟିଏ ହେଉଛି ଶୃଙ୍ଖଳା ପ୍ରସଙ୍ଗ କର୍ଣ୍ଣାଟକ ନିଜ ରାଜ୍ୟର ଜୁନିଅର କଲେଜଗୁଡ଼ିକରେ ବିଦ୍ୟାର୍ଥୀମାନଙ୍କ ନିମନ୍ତେ ୟୁନିଫର୍ମ ପୋଷାକ ପରିଧାନ ବ୍ୟବସ୍ଥାର ପ୍ରଚଳନ କରିଛି ଏବଂ ଏହି କାରଣରୁ ହିଜାକୁ ଅନୁମତି ପ୍ରଦାନ କରାଯାଇ ନାହିଁ । ସେହିଭଳି ବେକରେ କ୍ରସ୍ ପକାଇବା କଥା ମଧ୍ୟ କିନ୍ତୁ ଏହାର ଅର୍ଥ କ'ଣ ଝିଅମାନେ ସେମାନଙ୍କ ବେକରେ କ'ଣ ପିନ୍ଧିଛନ୍ତି, ତାହା ଯାଞ୍ଚ କରି ଦେଖିବା ? ଏକ ଧର୍ମର 'ଅତ୍ୟାବଶ୍ୟକ ପ୍ରଥାଗୁଡ଼ିକ'ର ଏକ ଅଂଶ ଭାବରେ ଅତିରିକ୍ତ ସାଜସଜ୍ଜାକୁ ଅନୁମତି ପ୍ରଦାନ କରାଯାଇଥାଏ, ଯଦିଓ ଏହା ଅନ୍ୟାନ୍ୟ ସମସ୍ୟା ସୃଷ୍ଟି କରିପାରେ, କିନ୍ତୁ ସମ୍ପ୍ରଦାୟମାନଙ୍କର ସଂସ୍କୃତିକ ପରମ୍ପରାଗୁଡ଼ିକ, ଯାହା ଏତେ ସାଧାରଣ ଯେ ସେସବୁ କଚିତ୍ ଦୃଶ୍ୟମାନ ହୋଇଥାଏ, ଯେପରିକି ଏକ ପ୍ରମୁଖ ଧର୍ମ କ୍ଷେତ୍ରରେ ଘଟିଥାଏ, ଉଦାହରଣ ସ୍ୱରୁପ ଶିଖ ; ସେ କ୍ଷେତ୍ରରେ କ'ଣ କରାଯିବ କିମ୍ବା ବିବାହିତ ମହିଳାଙ୍କ ନିମନ୍ତେ କେତେକ ଗହଣା କ୍ଷେତ୍ରରେ କ'ଣ ଅନୁକରଣୀୟ ଏବେ ଆସିବା ହିଜାବ୍ ମାମଲାକୁ । ସୁପ୍ରିମ୍‌କୋର୍ଟର ଏକ ଦୁଇଜଣିଆ ଖଣ୍ଡପୀଠରେ ହେଲା ଏହାର ଶୁଣାଣି ବିଚାରପତି ଦୁଇ ଜଣ, ମତ ମଧ୍ୟ ଦୁଇଟି ଭାରତରେ ଆମର ଶ୍ରେଷ୍ଠ ବିଚାରପତିମାନଙ୍କ ମଧ୍ୟରେ ରହିଥିବା ଚିନ୍ତାଧାରାର ଭିନ୍ନତା, ଯାହା ସେମାନଙ୍କୁ ପରିଚାଳିତ କରୁଛି ଏବଂ ଏକ ପ୍ରସଙ୍ଗର ମୂଳରେ ରହିଥିବା କଷ୍ଟକର ସମସ୍ୟାକୁ ସାମ୍ନାକୁ ଆଣିଛି । ଗୋଟିଏ ପକ୍ଷରେ ନ୍ୟାୟମୂର୍ତ୍ତି ହେମନ୍ତ ଗୁପ୍ତା ହିଜାବ୍ ଉପରେ ନିଷେଧାଦେଶକୁ ସମର୍ଥନ କରିଥିବା ବେଳେ ଅପର ପକ୍ଷରେ ନ୍ୟାୟମୂର୍ତ୍ତି ସୁଧୀଶୁ ଧୂଳିଆ 'ଏହା ସମ୍ପୂର୍ଣ୍ଣ ଭାବରେ ମହିଳାଙ୍କର ରୁଚି ଉପରେ ନିର୍ଭର କରେ' କହି ଏହାକୁ ବିରୋଧ କରିଛନ୍ତି । ନ୍ୟାୟମୂର୍ତ୍ତି ଗୁପ୍ତା ମୁଖ୍ୟତଃ ଅତ୍ୟାବଶ୍ୟକ ପ୍ରଥା ତତ୍ତ୍ୱ ଉପରେ ନିର୍ଭର କରିଛନ୍ତି, ଅର୍ଥାତ୍ ସେହିସବୁ ପ୍ରଥାଗୁଡ଼ିକୁ ବିଚାରକୁ ନେଇଛନ୍ତି, ଯେଉଁଗୁଡ଼ିକ ଏକ ଧର୍ମର ଅତ୍ୟାବଶ୍ୟକ ଅଂଶ ହୋଇଥାଏ । କୌଣସି ନିଷେଧାଦେଶ ଦ୍ୱାରା କୋର୍ଟ ଧର୍ମ ବାବଦରେ କାହାର ମୌଳିକ ଅଧିକାରରେ ହସ୍ତକ୍ଷେପ କରେନାହିଁ । କାରଣ ଏହି ଧାରାରେ ଜଣେ ହିନ୍ଦୁ ସୈନିକଙ୍କୁ କର୍ତ୍ତବ୍ୟ ନିର୍ବାହ କରିବା ସମୟରେ ମଥାରେ ଟିକା ପରିଧାନ କରିବାକୁ ଅନୁମତି ଦିଆଯାଇ ନାହିଁ । ଏହାର ଅର୍ଥ ନୁହେଁ ଯେ କପାଳରେ ଟିକା ନ ଲଗାଇଲେ ଜଣେ ହିନ୍ଦୁ ଭାବରେ ବିବେଚିତ ହେବନାହିଁ । ସମାନ ଭାବରେ ଜଣେ ମୁସଲମାନ ମହିଳା ହିଜାବ୍ ବା ବୁର୍ଗା ପରିଧାନ ନ କଲେ ମଧ୍ୟ ମୁସଲମାନ ବିବେଚିତ ହେବାରୁ ତାଙ୍କୁ କେହି ବଞ୍ଚିତ କରି ପାରିବେ ନାହିଁ । । ଅପର ପକ୍ଷରେ ନ୍ୟାୟମୂର୍ତ୍ତି ଧୂଳିଆ ମୁସଲମାନ ଝିଅମାନଙ୍କ ଶିକ୍ଷା ଅଧିକାର ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଥିଲେ । ସେ କଲେଜ ପରିଚାଳନା ମଣ୍ଡଳୀଙ୍କୁ ହିଜାବ୍ ପରିଧାନ ସମ୍ପର୍କରେ ନିଷ୍ପତ୍ତି ନେବାକୁ ଫେବ୍ରୁଆରୀ ୫, ୨୦୨୨ରେ କର୍ଣ୍ଣାଟକ ହାଇକୋର୍ଟ ପ୍ରଦାନ କରିଥିବା ରାୟକୁ ଖାରଜ କରିବା ସହିତ ସେହିସବୁ ପୋଷାକ ଉପରେ ନିଷେଧାଦେଶ ଜାରି କରିବା ସପକ୍ଷରେ ରହିଥିଲେ ଯାହା ସ୍କୁଲ ଏବଂ କଲେଜଗୁଡ଼ିକରେ ସମାନତା, ଅଖଣ୍ଡତା ଏବଂ ସାଧାରଣ ଶୃଙ୍ଖଳାକୁ ଅବ୍ୟାହତ ରଖିବାରେ ବ୍ୟାଘାତ ସୃଷ୍ଟି କରିଥାଏ । ତେବେ ପୋଷାକର ଏକ ଉପକରଣ ସାଧାରଣ ଶୃଙ୍ଖଳାକୁ ବ୍ୟାହତ କରିପାରେ ବୋଲି ଦିଆଯାଇଥିବା ପରାମର୍ଶ ହୁଏତ ଯେଉଁମାନେ ବିଶୃଙ୍ଖଳା' ସୃଷ୍ଟି କରିବା ଭଳି କାର୍ଯ୍ୟ କରୁଛନ୍ତି, ସେମାନଙ୍କର ପରିଚୟ ସମ୍ପର୍କରେ ପ୍ରଶ୍ନବାଚୀ ସୃଷ୍ଟି କରିପାରେ । ଆଉ ବିଦ୍ୟାର୍ଥୀମାନଙ୍କୁ ଭିନ୍ନ ଭିନ୍ନ ପ୍ରକାରର ପୋଷାକ ବ୍ୟବହାର କରାଇବା ସମାନତା ଓ ଅଖଣ୍ଡତାର ବିରୋଧରେ ଯାଇଥାଏ କହିବା ବାହୁଲ୍ୟ, ଭାରତ ଭଳି ସାଧାରଣ ଆଇନ ପ୍ରଚଳିତ ଦେଶମାନେ ଅନୁମୋଦନ ଅପେକ୍ଷା ଉଦାହରଣ ଉପରେ ଅଧିକ ନିର୍ଭର କରିଥାନ୍ତି । ସମ୍ପ୍ରତି ହିଜାବ ବ୍ୟାପାର ପ୍ରଧାନ ବିଚାରପତି ନ୍ୟାୟମୂର୍ତ୍ତି ୟୁୟୁ ଲଳିତଙ୍କ ନିକଟକୁ ଯାଇଛି ଉପଯୁକ୍ତ ନିର୍ଦ୍ଦେଶନାମା ପ୍ରଦାନ କରିବା ନିମନ୍ତେ । ଆଶା କରାଯାଉ, ଘଟଣାଟିର ସମାଧାନ ଅତ୍ୟାବଶ୍ୟକ ପ୍ରଥା ଅନୁସାରେ ହେବ ଏବଂ ପୋଷାକ ଯୋଗୁଁ ଏକ ସଂଖ୍ୟାଲଘୁ ସମ୍ପ୍ରଦାୟର ଝିଅମାନେ ଶିକ୍ଷାଲାଭରୁ ବଞ୍ଚିତ ହେବେନାହିଁ କି କାହାର ଧର୍ମୀୟ ଭାବନା ପ୍ରତି ଆଘାତ ପହଞ୍ଚିବ ନାହିଁ ।

ନୀରବଘାତକ : ଉଚ୍ଚ ରକ୍ତଚାପ

ପ୍ର. ଡା. ଉମେଶ ଚନ୍ଦ୍ର ପାତ୍ର

ଭାରତରେ ବୃଦ୍ଧି ପାଉଛି ଉଚ୍ଚ ରକ୍ତଚାପ ରୋଗୀଙ୍କ ସଂଖ୍ୟା । ପରିବର୍ତ୍ତନଶୀଳ ଜୀବନଶୈଳୀ ଯୋଗୁଁ ଏହି ସମସ୍ୟା ବୃଦ୍ଧି ପାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥ୍ୟ ଅନୁଯାୟୀ ୨୦୨୫ ବେଳକୁ ଭାରତରେ ଏକ ତୃତୀୟାଂଶ ଲୋକ ଉଚ୍ଚ ରକ୍ତଚାପର ଶିକାର ହେବେ । ୨୦୨୦ରେ ହୋଇଥିବା ଏକ ଗଣନାରୁ ଜଣାପଡ଼ିଛି ସହରାଞ୍ଚଳରେ ୨୦ରୁ ୪୦ ପ୍ରତିଶତ ଲୋକ ଉଚ୍ଚ ରକ୍ତଚାପର ଶିକାର ହୋଇଥିବାବେଳେ ଗ୍ରାମାଞ୍ଚଳରେ ୧୨ରୁ ୧୭ ପ୍ରତିଶତ ଲୋକ ଉଚ୍ଚ ରକ୍ତଚାପର ଶିକାର ହୋଇଛନ୍ତି । ଭାରତରେ ବର୍ଷକୁ ପ୍ରାୟ ୧.୫ ମିଲିୟନ ଲୋକ ଉଚ୍ଚ ରକ୍ତଚାପ ଯୋଗୁଁ ମୃତ୍ୟୁମୁଖରେ ପଡ଼ିଥାନ୍ତି । ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ବିଶ୍ୱରେ ବର୍ଷକୁ ୧୨.୮ ପ୍ରତିଶତ ଲୋକ ବିଭିନ୍ନ କାରଣରୁ ମୃତ୍ୟୁ ମୁଖରେ ପଡୁଥିବାବେଳେ ୭.୫ ମିଲିୟନ ଲୋକ କେବଳ ଉଚ୍ଚ ରକ୍ତଚାପ ଯୋଗୁଁ ମୃତ୍ୟୁ ମୁଖରେ ପଡ଼ିଥାନ୍ତି । ସାଧାରଣତଃ ଉଚ୍ଚ ରକ୍ତଚାପ ବ୍ୟକ୍ତିକୁ ୪୦ ବର୍ଷ ଟପିଲା ପରେ ଦେଖାଯାଏ । ହେଲେ ଆଜିକାଲି ୨୦-୩୦ ବର୍ଷ ବୟସର ବ୍ୟକ୍ତି ବିଶେଷ କରି କଲେଜ ଛାତ୍ରମାନଙ୍କ ଠାରେ ଦେଖାଯାଉଛି । ଏଭଳି ଉଚ୍ଚ ରକ୍ତଚାପ ଜନିତ ରୋଗୀଙ୍କ ସଂଖ୍ୟା ବଢ଼ିବାର କାରଣ କ'ଣ ହୋଇପାରେ...ପ୍ରମୁଖ କାରଣ ହେଉଛି ।

ବ୍ୟସ୍ତବହୁଳ ଜୀବନଶୈଳୀ ଯୋଗୁଁ ବ୍ୟକ୍ତି ସର୍ବଦା ଫାଷ୍ଟଫୁଡ୍, ଜଙ୍କଫୁଡ୍ ଓ ବାହାରେ ତିଆରି ହେଉଥିବା ତେଲ ମସଲା ଖାଦ୍ୟ ଖାଉଛି । ଯାହାକି ଉଚ୍ଚ ରକ୍ତଚାପ ବୃଦ୍ଧିର ମୁଖ୍ୟ କାରଣ । ଏହାଦ୍ୱାରା ରକ୍ତବାହୀ ନଳୀରେ କୋଲେଷ୍ଟେରଲ ବୃଦ୍ଧି ହୋଇ ନଳୀ ପଥକୁ ସରୁ କରିଦେଉଛି । ଫଳରେ ଉଚ୍ଚରକ୍ତ ଚାପ ସମସ୍ୟା ବୃଦ୍ଧି ପାଉଛି । ଆଜିକାଲିର ଲୋକମାନେ ଶାରୀରିକ ପରିଶ୍ରମ ବ୍ୟତୀତ ମାନସିକ ପରିଶ୍ରମ କରିବାକୁ ପସନ୍ଦ କରୁଛନ୍ତି । ଅଧିକ ଟଙ୍କା ଲୋଭ ହିଁ ବ୍ୟକ୍ତିକୁ ଶାରୀରିକ ପରିଶ୍ରମ ଠାରୁ ଦୂରେଇ ରଖୁଛି । ସମୟ ଅଭାବରୁ ମଧ୍ୟ ବ୍ୟକ୍ତି ବ୍ୟାୟାମ କରୁନି । ଏହାଦ୍ୱାରା ଶରୀରରେ ମେଦ ଜମା ହେଉଛି । ଯାହାକି ଉଚ୍ଚ ରକ୍ତଚାପର ମୁଖ୍ୟ କାରଣ । ଉଚ୍ଚ ରକ୍ତଚାପର ମୁଖ୍ୟ କାରଣ ହେଉଛି ଲୁଣ । ଆଡ଼େଡ୍ ଲୁଣ ଅର୍ଥାତ୍ ଖାଦ୍ୟ ପ୍ରସ୍ତୁତ ଅଧିକ ଲୁଣ ଛିଞ୍ଚି ଖାଇବା ହିଁ ରକ୍ତଚାପ ବୃଦ୍ଧି ହୋଇଥାଏ । ଏଣୁ ଯେତେ ସମ୍ଭବ ଲୁଣ କମ୍ ଖାଇବା ଦରକାର । ଜଣେ ଦିନକୁ ମାତ୍ର ୫ଗ୍ରାମ ଲୁଣ ଖାଇବା ଦରକାର । ଉଚ୍ଚ ରକ୍ତଚାପ ବୃଦ୍ଧି ପାଇଁ ଚିନ୍ତା ହେଉଛି ଅନ୍ୟତମ ଏକ ମୁଖ୍ୟ କାରଣ । ଆବଶ୍ୟକତା ଠାରୁ ଅଧିକ କାମ କରିବାର ନିଶା, ଅଧିକ ଧନ ଅର୍ଜନ କରିବାର ପ୍ରୟାସ ହିଁ ମଣିଷକୁ ଚିନ୍ତାରେ ପକାଉଛି । ଚିନ୍ତାରେ ରହିବା ଯୋଗୁଁ ବ୍ୟକ୍ତିଠାରେ ଉଚ୍ଚ ରକ୍ତଚାପ ବୃଦ୍ଧି ପାଏ । ସେହିପରି ଯୁବପିଢ଼ି ତମାଖୁ ତଥା ଗୁଟୁଖା, ବିଡ଼ି, ସିଗାରେଟ ଆଦି ଓ ଆଲ୍‌କୋହଲଯୁକ୍ତ ପାନୀୟ ଗ୍ରହଣ କରିବା ଯୋଗୁଁ ଶୀରା ପ୍ରଶୀରା ଦୁର୍ବଳ ହୋଇଯାଉଛି । ଏହାଦ୍ୱାରା ରକ୍ତ ଠିକ୍ ଭାବରେ ସଞ୍ଚାଳନ ହୋଇପାରେ ନାହିଁ । ଫଳରେ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯାଉଛି । ଅନ୍ୟ ଏକ କାରଣ ହେଉଛି, ହର୍ମୋନରେ ଅସନ୍ତୁଳନ ଦେଖାଦେଲେ ମଧ୍ୟ ଉଚ୍ଚ ରକ୍ତଚାପ ବୃଦ୍ଧି ହୋଇଥାଏ । ବେଳେବେଳେ ବୟସ୍କମାନଙ୍କ କ୍ଷେତ୍ରରେ ହର୍ମୋନର ଅନିୟମିତତା । ମହିଳା ମାନଙ୍କ କ୍ଷେତ୍ରରେ ଗର୍ଭନିରୋଧକ ବଟିକା ଓ ପେନ୍ କିଲର ଖାଇବା ଦ୍ୱାରା ମଧ୍ୟ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯାଏ । ଏହି ବଟିକା ଖାଇବା ଦ୍ୱାରା ରକ୍ତ ଜମାଟ ବାନ୍ଧେ । ଏହାଦ୍ୱାରା ରକ୍ତ ସଞ୍ଚାଳନ ସୂଚାରୁ ରୂପେ ନ ହୋଇପାରିବା ଯୋଗୁଁ ମଧ୍ୟ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯାଏ । ଅନେକ ହୁଏତ ଜାଣିନଥିବେ ଗାଢ଼ ନିଦ୍ରା ନ ହେଲେ ମଧ୍ୟ ଉଚ୍ଚରକ୍ତଚାପ ଦେଖାଯାଏ । ଦିନକୁ ୮ଘଣ୍ଟା ଗାଢ଼ ନିଦ୍ରାରେ ଶୋଇବା ଦରକାର । ଯଦି ଏଥିରେ ଅନିୟମିତତା ଦେଖାଯାଏ, ବ୍ୟକ୍ତି ଉପଯୁକ୍ତ ମାତ୍ରାରେ ଶୋଇ ନପାରେ, ଚିନ୍ତାରେ ରହେ ଓ ତା'ଠାରେ ଉଚ୍ଚ ରକ୍ତଚାପ ସମସ୍ୟା ବୃଦ୍ଧି ପାଏ । ଉଚ୍ଚ ରକ୍ତଚାପ ବୃଦ୍ଧି ଯୋଗୁଁ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ପ୍ରଭାବିତ ହୁଏ । ବ୍ରେନ୍, ହୃତପିଣ୍ଡ, କିଡ଼ନୀ ଓ ଆଖି ବିଶେଷ ପ୍ରଭାବିତ ହୋଇଥାଏ । ସମୟ ସମୟରେ ଉଚ୍ଚ ରକ୍ତଚାପ ଜୀବନ ନେଇଥାଏ । ହେଲେ ସବୁ ସମୟରେ ମଣିଷ ଜାଣିପାରେ ନାହିଁ ଯେ ସେ ଉଚ୍ଚ ରକ୍ତଚାପର ଶିକାର ହୋଇଛି । ବିନା ଚିକିତ୍ସାରେ ଏହା ଦୀର୍ଘଦିନ ଧରି ରହିବା ଯୋଗୁଁ ବ୍ରେନ୍ ଷ୍ଟ୍ରୋକ୍, ହୃଦ୍‌ଘାତ, କିଡ଼ନୀ ଫେଲ୍ୟୁୟର ଓ ରେଟିନା ଦୁର୍ବଳ ହୋଇଥାଏ । ଏହି ଅଙ୍ଗ ଗୁଡ଼ିକ କିପରି ପ୍ରଭାବିତ ହୁଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ମସ୍ତିଷ୍କ କ୍ଷେତ୍ରରେ ଉଚ୍ଚ ରକ୍ତଚାପ ବୃଦ୍ଧି ଯୋଗୁଁ ଦୁଇ ପ୍ରକାର ବ୍ରେନ୍‌ଷ୍ଟ୍ରୋକ ହୋଇଥାଏ । ଇସଚେମିକ୍ ଷ୍ଟ୍ରୋକ୍ ଓ ହେମୋରେଜିକ୍ ଷ୍ଟ୍ରୋକ୍ । ବ୍ରେନକୁ ସଂଯୋଗ ହୋଇଥିବା ରକ୍ତବାହୀ ନଳୀରେ ଜମାଟ ବାନ୍ଧିରେ ବ୍ରେନ୍‌କୁ ରକ୍ତ ସଞ୍ଚାଳନର ଫ୍ଲୋ କମିଯାଏ । ବ୍ରେନ୍‌କୁ ସଂଯୋଗ ରକ୍ତବାହୀ ନଳୀରେ କୋଲେଷ୍ଟରଲର ମାତ୍ରା ବୃଦ୍ଧି ପାଇଲେ ଇସଚେମିକ୍ ଷ୍ଟ୍ରୋକ ହୁଏ । ବ୍ରେନ୍ ଷ୍ଟ୍ରୋକର ପ୍ରାୟ ୮୦ ପ୍ରତିଶତ ଇସଚେମିକ୍ ଷ୍ଟ୍ରୋକ ହୋଇଥାଏ । ରକ୍ତଚାପ ଅତ୍ୟଧିକ ବୃଦ୍ଧି ପାଇଲେ ବ୍ରେନ୍‌କୁ ସଂଯୋଗ ହୋଇଥିବା ନଳୀ ଫାଟିଗଲେ ହେମୋରେଜିକ୍ ଷ୍ଟ୍ରୋକ ହୋଇଥାଏ । ଅନ୍ୟ ଏକ ସମ୍ବେଦନଶୀଳ ଚକ୍ଷୁ ଦେଖିବାରେ ଆଖି ସହ ସଂଯୋଗ ରେଟିନା ସହାୟକ ହୋଇଥାଏ । ଉଚ୍ଚ ରକ୍ତଚାପ ଯୋଗୁଁ ରେଟିନା ସହିତ ସଂଯୋଗ ଥିବା ରକ୍ତବାହୀ ନଳୀ ଦୁର୍ବଳ ହୋଇଯାଏ । ଏହାଦ୍ୱାରା ରେଟିନାକୁ ଉତ୍ତମ ଭାବେ ରକ୍ତ ସଞ୍ଚାଳନ ହୋଇପାରେ ନାହିଁ । ଫଳରେ ଦୃଷ୍ଟିଶକ୍ତି ହ୍ରାସ ପାଏ । ବ୍ୟକ୍ତିକୁ ଝାପ୍‌ସା ଝାପ୍‌ସା ଦେଖାଯାଏ । ସେହିପରି କିଡ଼ନୀ କ୍ଷେତ୍ରକୁ ଦେଖିଲେ, ଦୀର୍ଘଦିନ ଧରି ଉଚ୍ଚ ରକ୍ତଚାପ ଲାଗି ରହିଲେ କିଡ଼ନୀ ପ୍ରଭାବିତ ହୋଇଥାଏ । କିଡ଼ନୀ ରକ୍ତକୁ ଛାଣି ପରିଷ୍କାର କରିଥାଏ । ଆମ ଶରୀରରୁ ଅପରିଷ୍କାର ଦ୍ରବ୍ୟ ବାହାରକୁ ବାହାର କରିଥାଏ । ହେଲେ ଉଚ୍ଚ ରକ୍ତଚାପ ଯୋଗୁଁ ଅଧିକ ରକ୍ତ କିଡ଼ନୀକୁ ପ୍ରଭାବିତ ହୋଇଥାଏ, ଏହାଦ୍ୱାରା କିଡ଼ନୀ ଉପରେ ଚାପ ପଡ଼େ । ଯାହାଦ୍ୱାରା କିଡ଼ନୀ ଦୁର୍ବଳ ହୋଇଯାଏ । ଦୀର୍ଘଦିନ ଧରି ଉଚ୍ଚ ରକ୍ତଚାପ ରହିଲେ କିଡ଼ନୀ ଅକାମୀ ହୋଇଥାଏ । ଶରୀରର ଅତ୍ୟନ୍ତ ଅପରିହାର୍ଯ୍ୟ ହୃତ୍‌ପିଣ୍ଡ, ଉଚ୍ଚ ରକ୍ତଚାପର ବିଶେଷ ପ୍ରଭାବ ହୃତ୍‌ପିଣ୍ଡ ଉପରେ ପଡ଼େ । ରକ୍ତଚାପ ଉଚ୍ଚ ହେଲେ ହୃଦ୍‌ସ୍ପନ୍ଦନ ବୃଦ୍ଧି ପାଏ । ଅଧିକ ସ୍ପନ୍ଦନ ଯୋଗୁଁ ହୃତ୍‌ପିଣ୍ଡର ମାଂସପେଶୀ ଦୁର୍ବଳ ହୋଯାଏ । ରକ୍ତଚାପ ବଢ଼ିବା ପରେ ରକ୍ତବାହୀ ନଳୀ ସରୁ ହୋଯାଏ । ଫଳରେ ହୃତ୍‌ପିଣ୍ଡକୁ ରକ୍ତ ସ୍ରୋତ କମିଯାଏ କିମ୍ବା ବନ୍ଦ ହୋଇଯାଏ । ଏହାଦ୍ୱାରା ହୃଦ୍‌ଘାତ ହୁଏ । ଉଚ୍ଚ ରକ୍ତଚାପର ନିରାକରଣ ପାଇଁ ପ୍ରଥମେ ଖାଦ୍ୟ ପେୟରେ ନିୟନ୍ତ୍ରଣ ରହିବା ଦରକାର । ଯେତେ ସମ୍ଭବ ଲୁଣ କମ୍ ଖାଇବା ଦରକାର । ଦିନକୁ ମାତ୍ର ୫ଗ୍ରାମ ଲୁଣ ଖାଆନ୍ତୁ । ଏହାଠାରୁ ଅଧିକ ଖାଇଲେ ଅସୁବିଧା । ତେଲମସଲା, ଫାଷ୍ଟଫୁଡ ଓ ଜଙ୍କଫୁଡ୍ ପରି ଖାଦ୍ୟ ଠାରୁ ଦୂରେଇ ରହନ୍ତୁ । ସବୁଜ ପନିପରିବା ଓ ତଟକା ଖାଦ୍ୟକୁ ଗୁରୁତ୍ୱ ଦିଅନ୍ତୁ । ଆଜିକାଲି ପରିବର୍ତ୍ତନ ଜୀବନଶୈଳୀ ଯୋଗୁଁ ବର୍ତ୍ତମାନ ୪୦ ବର୍ଷ ପୂର୍ବରୁ ଉଚ୍ଚରକ୍ତଚାପ ସମସ୍ୟା ଦେଖାଯାଉଛି । ଏଣୁ ୩୫-୪୦ ବର୍ଷ ପରେ ସମସ୍ତେ ବର୍ଷକୁ ଥରେ ରକ୍ତଚାପ ପରୀକ୍ଷା କରିବା ଏକାନ୍ତ ଆବଶ୍ୟକ । ଉଚ୍ଚ ରକ୍ତଚାପ ହୋଇଥିଲେ, ତାହା ହଠାତ୍ ଜଣାପଡ଼େ ନାହିଁ । ବଂଶରେ କାହାର ଉଚ୍ଚ ରକ୍ତଚାପ ଥିଲେ, ଡାଇବେଟିସ କିମ୍ବା ବ୍ରେନ୍ ଷ୍ଟ୍ରୋକ ହୋଇଥିଲେ ୬ମାସରେ ଥରେ ରକ୍ତଚାପ ପରୀକ୍ଷା କରିବା ଦରକାର । ଏଥିପ୍ରତି ଅଧିକ ସଚେତନ ହେବା ଉଚିତ । ପ୍ରତିଦିନ ବ୍ୟାୟାମ ଓ ଯୋଗ କରନ୍ତୁ । ଏହାଦ୍ୱାରା ଶରୀରର ଅଙ୍ଗପ୍ରତ୍ୟଙ୍ଗ ସକ୍ରିୟ ରହିବା ସହ ମେଦବୃଦ୍ଧି ହୁଏନାହିଁ କି ଉଚ୍ଚରକ୍ତ ଚାପର ସମସ୍ୟା ମଧ୍ୟ ଦେଖାଯିବନାହିଁ । ତମାଖୁ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ଠାରୁ ଦୂରେଇ ରହନ୍ତୁ । ବିଶେଷ କରି ଧୂମପାନ ଠାରୁ ଦୂରେଇ ରହିବା ଦରକାର । କାରଣ ଏହା ଶୀରାପ୍ରଶୀରାକୁ ସଙ୍କୁଚିତ କରିଦିଏ । ଯାହାଦ୍ୱାରା ଉଚ୍ଚ ରକ୍ତଚାପର ଆଶଙ୍କା ବଢ଼ିଯାଏ । ଉଚ୍ଚ ରକ୍ତଚାପର ଶିକାର ହୋଇଥିବା ବ୍ୟକ୍ତି ନିୟମିତ ଭାବରେ ଔଷଧ ଖାଇବା ଦରକାର । ତେବେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦିନେ ବି ବନ୍ଦ କରିବା ଉଚିତ ନୁହେଁ । ବି.ପି. ମେଡ଼ିସିନ ଗୋଟିଏ ଦିନ ବନ୍ଦ ହେଲେ ବି ବ୍ରେନ୍ ଷ୍ଟ୍ରୋକ, ହୃଦ୍‌ଘାତ ହେବାର ଆଶଙ୍କା ବଢ଼ିଯାଏ । ଏଣୁ ରୋଗୀ ଭୁଲରେ ବି ଔଷଧ ବନ୍ଦ କରିବା ଉଚିତ ନୁହେଁ । ଚିନ୍ତା, ଅତ୍ୟଧିକ କାମ ଠାରୁ ଦୂରରେ ରହି ଉପଯୁକ୍ତ ପରିମାଣ ତଥା ୬-୮ ଘଣ୍ଟା ଗାଢ଼ ନିଦ୍ରାରେ ଶୁଅନ୍ତୁ । ଉଚ୍ଚ ରକ୍ତଚାପର ଶିକାର ହୋଇଥିବା ବ୍ୟକ୍ତି ୨-୩ ମାସରେ ନିୟମିତ ଭାବରେ ଡାକ୍ତରଙ୍କ ପରାମର୍ଶ ନେବା ଦରକାର । କାରଣ ଔଷଧର ଡୋଜ୍ ପରିବର୍ତ୍ତନ କରିବାକୁ ପଡ଼ିପାରେ । ସର୍ବପ୍ରଥମେ ନିଜକୁ ଶାନ୍ତ ରଖିବା ସହ ବାହ୍ୟଚାପରୁ ମୁକ୍ତ ରହିବା ପାଇଁ ଚେଷ୍ଟା କରନ୍ତୁ । ସୁଷମ ଖାଦ୍ୟ, ଯୋଗ ପ୍ରାଣାୟମ ଖୁବ୍ ଭଲ । ସତ୍‌ଚିନ୍ତା ଓ ଆଧ୍ୟାତ୍ମିକ ସ୍ୱାଧ୍ୟାୟ ଅମୃତ ସଞ୍ଜିବନୀ କହିଲେ ଅତ୍ୟୁକ୍ତି ହେବନାହିଁ । ସମସ୍ତ ନିଶାଦ୍ରବ୍ୟ ଠାରୁ ଦୂରେଇ ରହନ୍ତୁ, ଉପଯୁକ୍ତ ବିଶ୍ରାମ ନିଅନ୍ତୁ ଓ ଆଧ୍ୟାତ୍ମିକ ଜୀବନ ପାଇଁ ସର୍ବଦା ନିଜକୁ ବ୍ୟସ୍ତ ରଖନ୍ତୁ ଦେଖିବେ ଉ

ବର୍ଷା ଏକ ଅନ୍ୱେଷଣ

ଡଃ ସ୍ମୃତି ପଟ୍ଟନାୟକ

ନିର୍ମାଲ୍ୟ ଓ ନୀଲା ଛିଡା ହୋଇଥିଲେ ଏଟିଏମ୍ କାଉଣ୍ଟର ଭିତରେ, ବାହାରେ ପ୍ରବଳ ବର୍ଷା, ବେଳକୁ ବେଳ ବର୍ଷାର ମାତ୍ରା ବଢୁଥାଏ, ବରଂ କମୁ ନଥାଏ, ଘଣ୍ଟାଏ ପାଖାପାଖି ହେବ ସେମାନେ ଦୁହେଁ ସେମିତି ପରସ୍ପରର ବିପରୀତ ଦିଗକୁ ମୁହଁ କରି ଛିଡା ହୋଇଥିଲେ । ସଂଧ୍ୟା ଛଅଟା । ନୀଲା ମନେମନେ ଖୁବ୍ ବ୍ୟସ୍ତ ହେଇପଡୁଥିଲା, କେମିତି ଘରକୁ ଯିବ ? କାହିଁକି ସେ ଏଟିଏମ୍‌ରୁ ଟଙ୍କା ଉଠେଇକି ଯିବ ବୋଲି ଅଟୋ ବାଲାକୁ ବିଦା କରିଦେଲା । ହେ ପ୍ରଭୁ ବର୍ଷା କାଇଁ ବନ୍ଦ ହଉନି, ନୀଲା ଭାବୁଥିଲା ସକାଳ ସାତଟାରୁ ଆଜି ସେ କଲେଜ୍ ଯାଇଥିଲା, ଯୁକ୍ତ ତିନି ଶେଷ ବର୍ଷ ପିଲାମାନଙ୍କର ପ୍ରୋଜେକ୍ଟର ଇଭାଲୁଏସନ୍ ଥିଲା, ଫେରିଲା ବେଳକୁ ଲେଟ୍ ହେଲା, ବର୍ଷା ସକାଳୁ ଲାଗି ରହିଛି ଯେ ଛାଡୁନି ଜମା, ଲଘୁଚାପ ବର୍ଷା, ଛାଡୁଛି ପୁଣି ଜୋରରେ ବର୍ଷୁଛି, ଅଟୋବାଲା ବି କହିଲା, ଦିଦି ମୋର ଆଉ ଗୋଟେ ଭଡା ଅଛି, ଆପଣଙ୍କର ଲେଟ୍ ହେବ କାଳେ, ଏଇଠି ଓହ୍ଲାଇ ଯାଆନ୍ତୁ, ତା ପାଖରେ ଛତା ନ ଥିଲା, କାହିଁକି ସେ ରହିଗଲା ଏଠି କେଜାଣି ? ତା ମୁଣ୍ଡରେ କିଛି ବୁଦ୍ଧି ପଶୁନଥିଲା, ନିର୍ମାଲ୍ୟ ମଧ୍ୟ ଘରକୁ ଫେରିଲା ବେଳକୁ ଟଙ୍କା ଉଠାଇବା ପାଇଁ ଏଟିଏମ୍ କାଉଣ୍ଟରକୁ ଆସିଥିଲେ, ସେ ଭୁବନେଶ୍ୱରରେ ଗୋଟେ ଘରୋଇ ବିଶ୍ୱବିଦ୍ୟାଳୟରେ ଆସିଷ୍ଟାଣ୍ଟ୍ ପ୍ରଫେସର କାର୍‌ରେ ଯିବା ଆସିବା କରନ୍ତି କିନ୍ତୁ ଆଜି ସେ ବାଇକ୍‌ରେ ଯାଇଥିଲେ, ଡ୍ରାଇଭର ନ ଆସିବାରୁ, ତାଙ୍କ ପାଖରେ ଛତା ଥିଲା, ରେନ୍ କୋଟ୍ ନଥିଲା, କଣ କରିବେ ସେ ? ଏତେ ଜୋରରେ ବର୍ଷା ହଉଛି । ହଠାତ୍ ଲାଇନ୍ ବି କଟିଗଲା, ସାରା ସହରଟା ଗହଳ ଅନ୍ଧାରରେ ପରିପୂର୍ଣ୍ଣ, ଭୟଙ୍କର ଘଡଘଡି ଓ ବିଜୁଳି ଆଲୁଅ ଦେଖି ଖୁବ୍ ଭୟ ଲାଗୁଥିଲା ନୀଲାକୁ, ହଠାତ୍ ଏତେ ଜୋରରେ ଘଡଘଡି ମାରିଲା ଯେ ନୀଲା ଭୟରେ ଅତି ଅପ୍ରସ୍ତୁତ ଭାବେ ନିର୍ମାଲ୍ୟଙ୍କୁ ଜୋରରେ ଜାବୁଡି ଧରିଥିଲା ତାପରେ ପ୍ରକୃତିସ୍ଥ ହୋଇ ଚୁପଚାପ୍ ଛିଡା ହୋଇଥିଲା । ମୁହଁର ରଙ୍ଗ ତାର ହଠାତ୍ ବଦଳି ଯାଇଥିଲା, ଚୁପଚାପ୍ ଛିଡା ହୋଇଥିଲା, ନିର୍ମାଲ୍ୟ ଆରମ୍ଭ କଲେ ଆଗ ନିଜ ଆଡୁ ଚାଲନ୍ତୁ ଛତା ନେଇ ଆଗରେ ଥିବା କେଫ୍ ଏଣ୍ଡ୍ କାଫେରେ କଫି ପିଇବା, ନୀଲାକୁ ଖୁବ୍ ଥଣ୍ଡା ଲାଗୁଥିଲା, ସେ ମୁଣ୍ଡ ହଲେଇ ହଁ କହିଲା ଦୁହେଁ ବସି କଫି ପିଉଥିଲେ, କଫି କପ୍‌ରୁ କିଛି ଢୋକ ନେଲା ପରେ ନିର୍ମାଲ୍ୟ ପଚାରିଲେ ନୀଲାକୁ- ଆପଣ କଣ କରନ୍ତି ? ଘର କେଉଁଠି ? ନୀଲା କହିଲା ମୁଁ ଜଣେ ଅଧ୍ୟାପିକା, କଟକରୁ କୋଡିଏ କିଲୋମିଟର ଦୂରରେ କଲେଜ୍ ଅବସ୍ଥିତ । ପ୍ରତିଦିନ ବସ୍‌ରେ ଯିବା ଆସିବା କରେ, ଆଉ ଆପଣ ? ମୁଁ ଭୁବନେଶ୍ୱରରେ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ମେକାନିକାଲ ଇଞ୍ଜିନିୟରିଂ ବିଭାଗରେ ଆସିଷ୍ଟାଣ୍ଟ୍ ପ୍ରଫେସର ଭାବେ କାର୍ଯ୍ୟରତ, ପ୍ରତିଦିନ କାର୍‌ରେ ଯିବା ଆସିବା କରେ, ଆଜି ବାଇକ୍‌ରେ ଯାଇଥିଲି ଏମିତି ଗପସପ ଭିତରେ ବର୍ଷା ଥମି ଯାଇଥିଲା ଟିକେ, ଅଳ୍ପ ଝିପଝିପ୍ ବର୍ଷା ହଉଥିଲା । ନୀଲା କହିଲା ଆମ ଘର ଏଇ ପାଖରେ, ନିର୍ମାଲ୍ୟ ପ୍ରସ୍ତାବ ଦେଲେ ଚାଲନ୍ତୁ ମୁଁ ଆପଣଙ୍କୁ ଛତାରେ ଘରେ ଛାଡ଼ିଦେଇ ଆସିବି । ନୀଲା ଯିବାକୁ ରାଜି ହୋଇଗଲା, ନିର୍ମାଲ୍ୟ ଛତା ଧରିଥିଲେ ନୀଲା ତାଙ୍କ ପାଖରେ, ଗୋଟିଏ ଛତା ତଳେ ଦୁହେଁ, ବର୍ଷା ଜଳ ଛିଟକା ମାରି ଦେହରେ ପଡୁଥାଏ, ଦୀର୍ଘ ପଚିଶ ବର୍ଷ ପରେ ନିର୍ମାଲ୍ୟ ଯାଉଛନ୍ତି ଛତାରେ ଆଉ ଜଣେ ଝିଅ ସହିତ, ମନେ ପଡିଯାଉଥିଲା ଗହନ ସ୍ମୃତିର କଥା, ତାଙ୍କର ବୟସ ବାର ବର୍ଷ, ଆଉ ମୁନିର ବୟସ ସାତ । ଦୁହେଁ ବର୍ଷା ଦିନରେ ସାଙ୍ଗ ହୋଇ ଖୁବ୍ ଭିଜନ୍ତି ବର୍ଷାରେ, କାଗଜ ଡଙ୍ଗା କରି ଭସାନ୍ତି କିଏ କେତେ ତିଆରି କରି କି ଭସାଇବ, ସବୁବେଳେ ନିର୍ମାଲ୍ୟ ଜିତନ୍ତି, ମୁନିକୁ ସବୁବେଳେ ଚିଡାନ୍ତି ତା ହାତ ତିଆରି ଡଙ୍ଗା ଭାସୁନି ବୁଡିଯାଉଛି ବର୍ଷା ଜଳରେ, ମୁନି କାନ୍ଦି କାନ୍ଦି ଘରକୁ ପଳାଇ ଆସେ ନିର୍ମାଲ୍ୟ ହସି ହସି ଗଡିଯାଆନ୍ତି, ସତରେ ମୁନିଟା ନାକ କାନ୍ଦୁରି, ଏମିତି ଏମିତି ହେଇ ଦିନ କଟିଯାଉଥିଲା ମୁନିକୁ ଦିନେ ନ ଦେଖିଲେ ତାଙ୍କୁ ପାଗଳ ଭଳି ଲାଗୁଥିଲା, ତାଙ୍କର ସାରା ପିଲାଦିନଟା ମୁନିର ଘନିଷ୍ଠତାରେ ଭରପୁର ହୋଇ ରହିଥିଲା, ସେଇ ବର୍ଷ ବର୍ଷା ଦିନରେ ନଈବଢି ଦେଖିବା ପାଇଁ ଯାଇଥିଲେ ସମସ୍ତେ ଗାଁ ଲୋକେ, ନିର୍ମାଲ୍ୟ ଓ ମୁନି ଦୁହେଁ ଯାଇଥିଲେ, ଖୁବ୍ ଭୟଙ୍କର ଥିଲା ନଈବଢିର ଦୃଶ୍ୟ ,ହଠାତ୍ ଗୋଡ ଖସିଗଲା ମୁନିର କାଦୁଅରେ ଧସି ହୋଇ, ପାଣିର ସୁଅ ଭିତରେ ପଡିଗଲା ସେ, ସମସ୍ତଙ୍କ ଆଖି ସାମ୍ନାରେ, ଯେତେ ଚେଷ୍ଟା କଲେ ବି ତାକୁ ପାଣି ଭିତରୁ କେହି ଆଉ ପାଇଲେନି, ଏମିତି ଏକ ଦୁଃଖଦ ସ୍ମୃତିକୁ ଭୁଲିପାରୁନଥିଲେ ନିର୍ମାଲ୍ୟ । ସେଇ ଦିନଠାରୁ ତାଙ୍କ ମନ ଭିତରେ ବର୍ଷା ଦିନ ପାଇଁ ଖୁବ୍ ଭୟ ରହିଯାଇଥିଲା । ପ୍ରତିଥର ବର୍ଷାରେ ସେ ମୁନିକୁ ଖୋଜନ୍ତି ମନେମନେ, ଏମିତି ଭାବନା ଭିତରେ ନୀଲାର ଘର ଆସିଯାଇଥିଲା, ନୀଲା ଅନୁରୋଧ କଲା ତାଙ୍କୁ ଘର ଭିତରକୁ ଆସିବା ପାଇଁ । ନିର୍ମାଲ୍ୟ ଭିତରକୁ ଗଲେ, ସୋଫା ଉପରେ ବସିବାକୁ ଯାଉଛନ୍ତି ତ କାନ୍ଥରେ ଟଙ୍ଗା ହୋଇଥିବା ଏକ ଫଟୋ ଉପରେ ନଜର ପଡିଗଲା, ନିର୍ମାଲ୍ୟଙ୍କର ଦୃଷ୍ଟି ନିବଦ୍ଧ ହୋଇ ରହିଯାଇଥିଲା ଫଟୋ ଉପରେ, ଖୁବ୍ ଭାବପ୍ରବଣ ହୋଇପଡିଲେ । ନୀଲା ଆସିଲା ସାଙ୍ଗରେ କିଛି ସ୍ନାକ୍ସ ଓ ଚା ଦୁଇ କପ୍ ଟ୍ରେରେ ଆଣିଥିଲା, ନିର୍ମାଲ୍ୟଙ୍କର ଦୃଷ୍ଟି ହଟୁ ନ ଥିଲା ଫଟୋ ଉପରୁ, ନୀଲା ବି ଆଶ୍ଚର୍ଯ୍ୟ ହେଇଯାଇଥିଲା, ତାର ମନ ଭିତରେ କାହିଁକି କେଜାଣି ଏକ ପ୍ରକାରର ରୋମାଞ୍ଚ ସୃଷ୍ଟି ହେଉଥିଲା, ନୀଲା ଟି'ପୟ ଉପରେ ଟ୍ରେକୁ ରଖିଲା, ନିର୍ମାଲ୍ୟଙ୍କ ପାଖକୁ ଯାଇ କହିଲା, ସାର୍ କଣ ଦେଖୁଛନ୍ତି ?

ନିର୍ମାଲ୍ୟ ଉତ୍ତର ଦେଲେ ଏଇ ଫଟୋକୁ ! ! କାହାର ଫଟୋ ଇଏ ? ନୀଲା ପଚାରିଲା ଆପଣ ଚିହ୍ନିଛନ୍ତି କି ? ହଁ ନିଶ୍ଚୟ, ନୀଲା ଆଖିରେ ପ୍ରଶ୍ନବାଚୀ ! କେମିତି ଚିହ୍ନିଲେ ? ନିର୍ମାଲ୍ୟ ଭାବବିହ୍ୱଳ ହୋଇ କହିଲେ, ଇଏ ମୋ ପିଲାବେଳର ସାଙ୍ଗ ମୁନି, ଉଣେଇଶ ବର୍ଷ ହେଲାଣି । ମୁଁ ତାକୁ ପ୍ରତ୍ୟେକ ବର୍ଷାରେ ଖୋଜୁଚି କିନ୍ତୁ ପାଉନି, ନୀଲା କହିଲା ଆଛା, ଆପଣଙ୍କ ନାଁ କଣ କହିଲେ ସାର ?

ନିର୍ମାଲ୍ୟ ସେନ୍, ମ୍ୟାଡାମ୍ ଆପଣଙ୍କ ନାଁ ? ନୀଲା ଦତ୍ତ, ଓରଫ୍ ମୁନି ରାୟ ।

ନିର୍ମାଲ୍ୟଙ୍କ ପାଟିରୁ କଥା ବାହାରୁ ନଥିଲା, ସେ ଯେମିତି ନିଜର ବାକ୍ ଶକ୍ତି ହରାଇ ବସିଥିଲେ, ନୀଲା କହିଲା ହେଃ ଏତେ କଣ ଭାବୁଛନ୍ତି ? ମୁଁ ଆପଣଙ୍କର ପିଲାଦିନର ବାନ୍ଧବୀ ମୁନି, ଦେଖନ୍ତୁ ନା ମୋ ଡାହାଣ ହାତ ପାପୁଲି ମଝିରେ ଥିବା କଳାଜାଇକୁ, ନିର୍ମାଲ୍ୟ ବିବାକ୍ ହୋଇ ଚାହିଁ ରହିଥିଲେ ନୀଲାକୁ, ଇଏ କି ଚମତ୍କାରିତା, ସମୟ ଅନୁସାରେ ନିର୍ମାଲ୍ୟ ଓ ମୁନି ଦୁହିଁଙ୍କର ଚେହେରା ଅନେକାଂଶରେ ବଦଳି ଯାଇଥିଲା, ମୁନି ନଈବଢିର ଅତଡା ଜଳରେ ଭାସି ଯାଇଥିଲା, ଆଉ ମିଳିନଥିଲା କିଛି ପତ୍ତା ତାର, ସେବେଠାରୁ ବର୍ଷା ଦିନ ଆସିଲେ ମୁନିକୁ ଖୁବ୍ ଖୋଜନ୍ତି ମନେମନେ, ତାଙ୍କର ଘନିଷ୍ଠ ସାଙ୍ଗ ରୂପେଶ୍‌କୁହେ, ଆରେ ତୁ ତୋ ରିସର୍ଚ ପେପର୍‌ର ଟାଇଟଲ୍ ଦେଇ ଦେ, ବର୍ଷା ଦିନରେ ମୁନିର ଅନ୍ୱେଷଣରେ. .....ମୁଁ ।

ଆଜି ଏତେ ପାଖରେ ମୁନି ! ! ! କେମିତି ସମ୍ଭବ ହେଲା ? ମୁନି ଗପୁଥିଲା ତାର କାହାଣୀ, ସେ ପ୍ରବଳ ଜଳସ୍ରୋତରେ ଭାସି ଭାସି ଯାଇ ଲାଗିଲା ଗୋଟେ ଢିପରେ, ସେଇଠି ଜଣେ ମହିଳା ତାକୁ ଦେଖିଲେ ପ୍ରଥମେ, ଗାଁ ସାରା ଲୋକଙ୍କୁ ଡାକ ପକାଇଲେ, ସମସ୍ତେ ଆସି ପହଞ୍ଚିଗଲେ, ମୁନିର ଚେତା ନଥିଲା, ଚେତା ଫେରିଲା ବେଳକୁ ସେ ନିଜକୁ ଆବିଷ୍କାର କରିଥିଲା ହସ୍ପିଟାଲର ବେଡ୍‌ରେ, ସେ ମହିଳାଙ୍କ ସ୍ନେହରେ ସେ ଭୁଲିଯାଇଥିଲା ନିଜକୁ, ଏମିତିରେ ତାର ହଠାତ୍ ସ୍ମୃତି ଶକ୍ତି ବି ଲୋପ ପାଇ ଯାଇଥିଲା, ଡାକ୍ତରଙ୍କ ଚିକିତ୍ସାରେ ରହିଲା ପରେ ଧିରେ ଧିରେ କିଛି ବର୍ଷ ପରେ ସବୁ ମନେ ପଡିଥିଲା, ହେଲେ ସେ ଏମିତି ବାନ୍ଧି ହୋଇ ଯାଇଥିଲା ସ୍ନେହ ଓ ମମତ୍ୱବୋଧର ଦେବୀଙ୍କ ପାଖରେ ଯେ, ନିଜର ପରିଚୟ ବାଧ ହୋଇ ଗୋପନ ରଖିଥିଲା, ସେ ତାର ନାଁ ରଖିଥିଲେ ନୀଲା, ଦୁନିଆରେ ସେ ଏକାକୀ ଥିଲେ, କେହି ସେମିତି ସଂପର୍କୀୟ ନ ଥିଲେ ତାଙ୍କର, ସେ ଦେବୀ ଜଣକ ସହରରେ ଥିବା ତାଙ୍କର ସମସ୍ତ ସ୍ଥାବର ଅସ୍ଥାବର ସଂପତ୍ତି ନୀଲା ନାଁରେ କରି ଦୁନିଆରୁ ଚାଲି ଯାଇଥିଲେ ବ୍ରେନ୍ କ୍ୟାନସର୍‌ରେ ।

ନୀଲା ନିଜର ସ୍ମୃତି ଶକ୍ତି ଫେରି ପାଇବା ଦିନଠାରୁ ପ୍ରତି ମୁହୂର୍ତ୍ତରେ ଘର କଥା ଓ ନିର୍ମାଲ୍ୟଙ୍କ କଥା ମନେ ପକାଉଥିଲା, ଏ ପର୍ଯ୍ୟନ୍ତ ସେ ତାର ବାପା ଓ ମାଆଙ୍କ ବିଷୟରେ କିଛି ବି ଜାଣିନି ? ସେମାନେ କେଉଁଠି ଅଛନ୍ତି ଗାଁରେ କି ସହରରେ ? ଆଶ୍ଚର୍ଯ୍ୟ ଚକିତ ହୋଇ ଶୁଣୁଥିଲେ ନିର୍ମାଲ୍ୟ ନୀଲାର କଥା ସବୁ, ବାହାରେ ପ୍ରବଳ ବର୍ଷା ପୁଣି ଆରମ୍ଭ ହୋଇଯାଇଥିଲା, ନୀଲା କହୁଥିଲା ଆପଣ କେମିତି ଘରକୁ ଫେରିବେ ? ବାଇକ୍ ତ ରଖି ଦେଇ ଆସିଲେ ସେଠି । ଘରେ ଆପଣଙ୍କୁ ସମସ୍ତେ ଅପେକ୍ଷା କରିଥିବେ ।

ନିର୍ମାଲ୍ୟ ଠୋ ଠୋ ହୋଇ ହସୁଥିଲେ, କିଏ ମୋତେ ଘରେ ଅପେକ୍ଷା କରିଥିବେ ? କେହି ମୋର ନାହାନ୍ତି ଏଇ ଦୁନିଆରେ, ସାଙ୍ଗ ମାନଙ୍କ ଛଡା, ବାପା ବୋଉ କେବେଠାରୁ ଚାଲି ଗଲେଣି ଦୁନିଆ ଛାଡି ।

ତମ ସାଙ୍ଗରେ ପୁଣି ଥରେ ଏଇ ଜନ୍ମରେ ଦେଖାହେବ ଏକଥା ମୁଁ କେବେ ଭାବିନଥିଲି, ସତରେ କେତେ ବିଚିତ୍ର ଏଇ ଜୀବନର କାହାଣୀ । ନିର୍ମାଲ୍ୟ କହୁଥିଲେ ଆଜି ମୁନି ତମେ ମୋର ଏତେ ପାଖରେ, ମୋତେ ଲାଗୁଚି ଯେପରି ଏତେ ବର୍ଷ ହେଲାଣି ବର୍ଷାରେ ଅନେଷ୍ୱଣ କରି କରି ଆଜି ଘୋର ବର୍ଷାରେ ମୁଁ ମାୟା ମୃଗୁଣୀର ସନ୍ଧାନ ପାଇଯାଇଛି । ମୁନି ଆଖି କୋଣରେ ଖୁସିର ଲୁହ ବୁନ୍ଦା ଚିକଚିକ୍ କରୁଥିଲା । ନିର୍ମାଲ୍ୟ ଭାବୁଥିଲେ ଏଇ ଜୀବନରେ କେତେବେଳେ କାହା ପାଇଁ କଣ ଘଟୁଛି ସବୁ ସେଇ ବିଶ୍ୱ ନିୟନ୍ତାଙ୍କର ଲୀଳା । ରାତି ବଢୁଥିଲା, ବର୍ଷା ଲାଗି ରହିଥିଲା, ନିର୍ମାଲ୍ୟ କିନ୍ତୁ ନୀଲା ଠାରୁ ବିଦାୟ ନେଇଥିଲେ, ଏକାଏକା ଏକ ନିର୍ଭର ଓ ପ୍ରତିକ୍ଷୀତ ସକାଳର ଆକାଂକ୍ଷା ନେଇ ।

+ୟୁ ଏନ୍ କଲେଜ୍
ଅଡଶପୁର, କଟକ
ମୋ :୯୯୩୮୪୪୦୯୪୯

କଳା

ପ୍ରଶାନ୍ତ ଚନ୍ଦନ

ଯେମିତି ଶୁଣିଥିଲେ ସେମିତି ହିଁ ସୁମଧୁର ଧେଡ୍ କରି ଉଠିଥିଲେ କହିଥିଲେ ଏମିତି ଲୋକମାନଙ୍କୁ କେମିତି ଲୋଭି ମଣିଷ କହିବନି ନଚେତ୍ ସେ ଯେ ତା'କୁ ବୁଝାଇ, ସୁଝାଇ ବି କହି ଦେଇଥିଲେ ବେଶି ନୁହଁ ସାମାନ୍ୟ କଳା ଅଛି !

ମାନେ ସେ କାଳି ବାହାନାରେ ଯେ ଯୌତୁକ ବି ଦାବି କରୁଥିବ, ତାଙ୍କ ଶ୍ରୀମତୀ କହି ଦେଇଥିଲେ ପ୍ରତ୍ୟୁତ୍ତରରେ । ହଁ ମୋଟର ସାଇକେଲ, ବାଇକ୍ ତ ସେ ଝିଅ ଘରେ ବି ରାଜି ଯାଇଥିଲା ସୁମଧୁର ଦୀର୍ଘଶ୍ୱାସ ନେଇ କହିଥିଲେ । ମାତ୍ର ଇଏ ଯେ ସୁଯୋଗ ଉଣ୍ଡି ଆଉ କ'ଣ, କ'ଣ ଦାବି କରୁଥିବ ନା ମାହାଳିଆ, ମାହାଳିଆ ମୋ ପୁଅକୁ ଆଣିବି ଯେ ଭରଣା ବି କିଛି ମିଳିବନି କହି ହସି ଉଠିଥିଲେ ସୁମଧୁର । ତା'ପରେ ସୋଫା ଉପରେ ବସି କହିଥିଲେ କାରଣ ଆଜି କାଲି ଏମିତି ଖବରଗୁଡା ବି ବେଶି ଶୁଣିବାକୁ ପଡୁଛି !

ହଁ ତା'ହେଲେ ମୁଁ ଚା'ନେଇ ଆସୁଛି, କହିଥିଲେ ତାଙ୍କ ଶ୍ରୀମତୀ । ଦେଖୁନ ଡେରି ହୋଇ ଗଲାଣି ଆଜି ମୁଁ ବି ଚା'ବସାଇ ଦେଇ ତମକୁ ଦେଖି ଆସିବି ଭାବୁଥିଲି କି ନାହିଁ ସେ ଫୋନ୍ କଲା ହେଲେ କେମିତି ହେଲାଣି କେଜାଣି ମୁଁ ଯାଇ ଦେଖେ ଭଲରେ ଗୋରସ ଚା'ହେଲେ ଉଡି ଯାଇ ଗ୍ୟାସ୍ ଜାଳକୁ ବନ୍ଦ କରି ଦେଇ ଥିବଣି ମାତ୍ର ନାଲି ଚା'... ଆଉ ଆଗକୁ ଶୁଣି ପାରି ନ ଥିଲେ ସୁମଧୁର ମାତ୍ର ଶେଷ ଶବ୍ଦ ନାଲି ଚା' ବୋଲୁ, ବୋଲୁ ତାଙ୍କ ମୁଖ ମଣ୍ଡଳକୁ ଆସି ଯାଇଥିଲା କଳା ଚା'ଅର୍ଥାତ୍ ଡିକାସିନ୍... ହଁ କଳା ବୋଇଲେ ବି କିଛି ଅସୁବିଧା ନାହିଁ ତେବେ ରଙ୍ଗ କଳା ପାଠ କଳା ବି ସୁମଧୁରଙ୍କ ଦୃଷ୍ଟିକୁ ଆସି ଯାଇଥିଲା । ଯେମିତି କି ପୋଷାକ ପତ୍ରଠୁ ଆରମ୍ଭ କରି ଚିତ୍ର ଫିତ୍ର ଘର ଦ୍ୱାର ରଙ୍ଗୀନ୍ କରିବାକୁ ବି ଆସିଯାଏ ବିଭିନ୍ନ ପ୍ରକାରର ତ ପାଠ ବୋଇଲେ ଆର୍ଟ୍ । ଆହୁରି ଅଛି ସଙ୍ଗୀତ କଳା, ନୃତ୍ୟ କଳା, କାରିଗର କଳା, ଯାଦୁ କଳା ହେଉ, ହେଉ ତାଙ୍କ ଶ୍ରୀମତୀ ଆସି ଯାଇ କହିଥିଲେ ନେଲ ଚା' ।

ସୁମଧୁର ଇଷତ୍ ଚମକି ପଡି କହିଥିଲେ ଆଁହାଁ ବଡ ଶୀଘ୍ର ନେଇ ଆସିଗଲ ତ... ମାନେ ତମକୁ ଟିକିଏ ଦୁଃଖ ଲାଗି ଯାଇଛି ଭାବନା ଭିତରେ ବୁଡିଲା ପରି ଦିଶୁଛ ତ... ହେଲେ ସେ କିଏ, କୋଉଠିକାର ମୁଁ ପଚାରିଲି ଯେ ସେ କିଛି କହିଲାନି ବାସ୍ କହି ଦେବ ମନକୁ ଆସିଲାନି କହି ପକାଇଥିଲେ ତାଙ୍କ ଶ୍ରୀମତୀ ।

ଛାଡ ଏବେ ଆଉ ତା'ନାଁ ଗାଁ ପକାଇଲେ କ'ଣ ହେବ ବରଂ ଏତକ ଭାବିବା କଥା ଯେ ଆମେ କାହିଁକି ମଝିରେ ପଶିଲେ, କହିଥିଲେ ସୁମଧୁର ।

ହଁ କହି ସ୍ୱୀକାରୀ ତାଙ୍କ ଶ୍ରୀମତୀ ତାଙ୍କୁ ଚାହିଁଥିଲେ ତ ସେ ଟିକିଏ ହସି କହି ଦେଇଥିଲେ ଆଛା ଭଗବାନ ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ, ଜଗନ୍ନାଥ ଯେମିତି କଳା ଅଛନ୍ତି । ସେମିତି ପୁଣି କହନ୍ତି ଶ୍ରୀକୃଷ୍ଣଙ୍କୁ ଷୋହଳ କଳା ତ ରାମଙ୍କୁ ବାର କଳା । ତା'ପରେ ମା' କାଳୀ ଦେବୀ ବି ଅଛନ୍ତି ସେତେବେଳେ ତ କାହିଁ ଏପରି ହୀନମନ୍ୟତାର ଶୀକାର ମନକୁ ଆସୁନି ମାତ୍ର କହନ୍ତି ପରା ତାଙ୍କ ସୃଷ୍ଟିର ମଣିଷଟିଏ ହେଉ ପୁରୁଷ କି ମହିଳା ପରସ୍ପର ନିଜ ଭିତରେ ବର୍ଣ୍ଣ ବୈଷମତାର ଯୋଉ ଲୁପ୍ତ ପାହାଡଟିକୁ ମୁଣ୍ଡ ଟେକି ଆଣୁଛନ୍ତି ନା କ'ଣ କହିବ ?

ସତ କଥା ଯେ ଇତିହାସର ଲାଲା ଲାଜପତ୍ ରାୟ କି ବାଳ ଗଙ୍ଗାଧର ତିଳକ, ରାଜା ରାମମୋହନ ରାଓ ମାନଙ୍କୁ ଏଥିପାଇଁ ବହୁତ କଷ୍ଟ କରିବାକୁ ପଡିଥିଲା ନେଇ କହୁ, କହୁ ସୁମଧୁର ଚା'ର ସୁଡୁକାଟିଏ ନେଇ କହିଥିଲେ କହନା ଆଉ ମୁଁ ତ ଭାବି ପାରୁନି ଏ ମଣିଷକୁ ସୃଷ୍ଟିର ଶ୍ରେଷ୍ଠ ଜୀବ ବୋଲି କାହିଁକି କୁହାଯାଏ...

ଖାଲି କହି ଜାଣୁଛି ବୋଲି ମାତ୍ର ଇଏ ତ କହିବା ନୁହେଁ ବରଂ ଆଘାତ କରିବା ପରି ଆକ୍ଷେପ ବି ହୋଇ ଯାଉନି କି ଯେମିତି ଗୋରାମାନେ ଆସି, ଆସି ଶାସନ କରୁ ନ ଥିଲେ ଓଲଟା ସେ ବିଦ୍ୱେଷ ଗୁଡା ଛାଡି ଦେଇଛନ୍ତି ଯେ ଦେଖୁନ... ମୁଁ ଆଉ ରହିବିନି ଯାଉଛି କହି ଉଠି ପଡିଥିଲେ ତାଙ୍କ ଆଦେଶ ଆଗରୁ ତାଙ୍କ ଶ୍ରୀମତୀ ତା'ପରେ ପୁଣି କହି ଦେଇଥିଲେ ତମେ ପରା କହୁଛ ବେଶି ନାହିଁ ଟିକିଏ ବୋଲି ତ କ'ଣ କ୍ରିମ୍ ଫ୍ରିମ୍ ଲଗେଇ ସାବୁନ, ପାଉଡର କଲେ ହେବନି କହୁନ !

ବାହା ଘର ପରେ ଯେ ଅଧିକ ସମୟ ତ ବୁଲାବୁଲି ହୋଇ ପାରେନା ଫଳସ୍ୱରୂପ ଖରା ତରା ପାଇଁ ବି ଡର ନ ଥାଏ ନା କ'ଣ କହିବ କୁହ ମୁଁ ଗଲି ଭାତ ବସାଇବି, ହଁ ପାରିବ ବୋଇଲେ ଆଉ କୋଉଠିକୁ ଯାଅନା ସହଜରେ ମୁଣ୍ଡକୁ ଓଜନ କରୁଛ । ଘରେ ରହିଲେ ପଛେ ଧୀରେ, ଧୀରେ ହାଲୁକା ହୋଇଯିବ ଆଉ ତାଙ୍କ ଶ୍ରୀମତୀ ଆସି ଯାଇଥିଲେ ।

ସୁମଧୁର ମୁଣ୍ଡ ଟୁଙ୍ଗାରି, ଟୁଙ୍ଗାରି ଚା'ର ଶେଷ ସୁଡୁକା ନେଇ ଉଠିଥିଲେ ମାନେ ଏଠି ଯେ ସେ ଠିକ୍ କରି ଦେଇଥିବା ଝିଅ ନ ହୋଇ ପୁଅ ହୋଇଥାନ୍ତା ଆଉ ପୁଅଟି ଯଦି ଝିଅ ହୋଇ ଯାଇଥାନ୍ତା ତ କ'ଣ ରାଷ୍ଟ୍ର ଭାଷା ହିନ୍ଦୀ ଚଳଚିତ୍ରର ଏକ ଗୀତ 'ହମ୍ କାଲେ ହେ ତ କ୍ୟା ହୁଆ ଦିଲବାଲେ ହୁଆ' ଗାଇ ବୁଲନ୍ତା ଓ ପର କ୍ଷଣରେ ସୁମଧୁର ଠୋ, ଠୋ ହସି ପଡିବା ଦେଖି ତାଙ୍କ ଶ୍ରୀମତୀ ଭିତରୁ ପାଟି କରି ଆସିଥିଲେ ଧୁଆ ଚାଉଳ ଧରି କ'ଣ ହେଲା କି ହସ !

ସେ ପୁଣି ଦୋହରାଇ ଦେଇ କହିଥିଲେ ଆଉ କ'ଣ ଅଛି କି ଏମିତି, ଏପରି ଗୀତ 'ଗୋରେ, ଗୋରେ ମୂଖୁଡେ ପେ କାଲା, କାଲା ଚଷମା' ଉଁହୁଁ ଇଏ ତ ଗୋରାରେ ପଳଉଛି ମାନେ ଧଳା ଅର୍ଥାତ୍ ଶ୍ୱେତ ଶ୍ୟାମ, କଳା ଧଳା କହୁ, କହୁ ସୁମଧୁରଙ୍କ ଶ୍ରୀମତୀ ମନେ ପକାଇଲା ପରି କହି ଦେଇଥିଲେ ହଁ ଅଛି 'ଯଶୋମତି ମୈୟାଁ ସେ ପୁଛେ ନନ୍ଦୁଲାଲା ରାଧା କ୍ୟୁଁ ଗୋରି ମେ କ୍ୟୁଁ କାଲା' !

ତା'ପରେ ତାଙ୍କର ବି ମନେ ପଡି ଯାଇଥିଲା ଅମିତାଭ ବଚ୍ଚନ ଅଭିନୀତ ତଥା କଣ୍ଠଦାନର ସୁପର୍ ହିଟ ଗୀତ 'ମେରେ ଏଙ୍ଗେନେ ମେ ତୁମାରା କ୍ୟା କାମ୍ ହେ... ଜିସ୍ କି ବିବି କାଲି ଉସ୍କା ଭି ବଡା ନାମ୍ ହେ' ତ ଓକେ, ଓକେ ମୋ ମନକୁ ପାଇଲା କହି ଉଠିଥିଲେ

ସୁମଧୁର ହେଲେ ଆମ ଓଡିଆରେ କ'ଣ ସେମିତି କିଛି ନାହିଁ ଅଛି ବୋଧହୁଏ ଯେ ସେଇଟି କ'ଣ ଠିକ୍, ଠିକ୍ ମନେ ପଡୁନି କାହିଁକି ନା ସେ କ'ଣ ବୋଇଲା ପରେ ଯାଇ ଯୋଗ ହେଉଥିଲା କଳା, କଳା ଜାଇ ! ସେମିତି ରତ୍ନ ବୋଇଲେ ମାଣିକ୍ୟ, ହୀରା ବି ଅଛି... ହଇହୋ ତମର ମନେ ନାହିଁ ଦୁଇ ବର୍ଷ ତଳେ ମାନେ ଏ ମହାମାରୀ କରୋନାର ପ୍ରକୋପ ବଢିବା ଆଗରୁ ଆମେ ଭୋଜି କରି ଯାଇଥିଲୁ କହିଥିଲେ ସୁମଧୁରଙ୍କ

ଧାମନଗର ଉପନିର୍ବାଚନ ପ୍ରସଙ୍ଗରେ ସିଇଓଙ୍କୁ ଫେରାଦ ହେଲେ ବିଜେପି ପ୍ରତିନିଧି ଦଳ

ଭୁବନେଶ୍ୱର ,୧୬/୧୦ (ନି.ପ୍ର): ଧାମନଗର ଉପନିର୍ବାଚନରେ ନିର୍ବାଚନମଣ୍ଡଳୀର ବାହାରୁ ପୋଲିଂ ଅଧିକାରୀଙ୍କୁ ନିର୍ବାଚନ ପରିଚାଳନା ଦାୟୀତ୍ୱ ଦେବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗ (ସିଇଓ) ରିଟର୍ଣ୍ଣିଂ ଅଫିସର ଏବଂ ସହାୟକ ରିଟର୍ଣ୍ଣିଂ ଅଫିସରଙ୍କୁ ନିର୍ଦ୍ଦେଶ ଦେବା ସହିତ ଏହାର ସଠିକ କାର୍ଯ୍ୟାନ୍ୱୟନର ତଦାରଖ କରିବାକୁ ବିଜେପି ତରଫରୁ ଦାବୀ କରାଯାଇଛି । ରାଜ୍ୟ ପଂଚାୟତରାଜ ବିଭାଗର ମୁଖ୍ୟ ସଚିବ ଥିବା ଅଧିକାରୀ ବର୍ତମାନ ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗ ଭାବେ କାର୍ଯ୍ୟରତ । । ଶାସକ ବିଜେଡିର ହାତବାରିସୀ ସାଜି ନିର୍ବାଚନ ଆୟୋଗ ନିଜେ ଆଦର୍ଶ ନିର୍ବାଚନ ଆଚରଣ ବିଧିକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରୁଛନ୍ତି । ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ ଆଇନକୁ ଉଲ୍ଲଂଘନ କରି ନିର୍ବାଚନ ଆୟୋଗ ଧାମନଗର ଓ ତିହିଡି ବିଡିଓଙ୍କୁ ବଦଳି କରିଥିଲେ । ଅଭିଯୋଗ ପରେ ନିଜ ଦୋଷକୁ ଲୁଚାଇବା ପାଇଁ ଆୟୋଗ ବିଭିନ୍ନ ବାହାନାବାଜୀ କରିଲେ । ବାସ୍ତବରେ ଯଦି ବିଡିଓ ଜଣଙ୍କ କାର୍ଯ୍ୟକାଳ ୩ ବର୍ଷ ହୋଇଯାଇଥିଲା, ତାହେଲେ ତାଙ୍କୁ ଆଗରୁ କାହିଁକି ବଦଳି କରାଗଲା ନାହି ? ଅନ୍ୟ ପଟେ କନ୍ଧମାଳ ଜିଲ୍ଲାରେ ଦୀର୍ଘ ୭ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଜିଲ୍ଲାପାଳଙ୍କ କ୍ଷେତ୍ରରେ ଏହି ନିୟମ ଲାଗୁ ନୁହେଁ କି ବୋଲି ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି । ଧାମନଗର ଉପନିର୍ବାଚନରେ ଭୋଟ ଦେବାକୁ ଚାହୁଁଥିବା ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ, ଦିବ୍ୟାଙ୍ଗ ଏବଂ କୋଭିଡ୍ ସଂକ୍ରମିତ ଭୋଟରମାନଙ୍କ ତାଲିକା ସହ ତାଙ୍କ ଭୋଟ କାର୍ଯ୍ୟରେ ନିୟୋଜିତ ହେବାକୁଥିବା ସରକାରୀ କର୍ମଚାରୀଙ୍କ ସୁଚୀ ଓ ରୁଟ୍ ଲିଷ୍ଟ ସ୍ପଷ୍ଟ ହେବା ଉଚିତ୍ । ଏହି ତାଲିକା ପ୍ରତ୍ୟେକ ରାଜନୈତିକ ଦଳକୁ ପ୍ରଦାନ କରିବା ପାଇଁ ମଧ୍ୟ ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିକଟରେ ଡ.ଲେଖାଶ୍ରୀ ଦାବୀ କରିଛନ୍ତି । ଆଦର୍ଶ ନିର୍ବାଚନ ଆଚଚରଣଣ ବିଧି ଲାଗୁ ହେଲେ କୌଣସି ସରକାରୀ ବିକାଶମୂଳକ କାର୍ଯ୍ୟ ହୋଇପାରିବନାହିଁ । କିନ୍ତୁ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ପୂର୍ବ ନିର୍ଦ୍ଦେଶକୁ ଆଳ କରି ମାଟି, ନଳକୂପ, ବିଜୁଳି ଭଳି ଆଦି କାର୍ଯ୍ୟ ଶାସକ ବିଜେଡି କରୁଛି । ଯାହା ସଂପୂର୍ଣ୍ଣ ବେଆଇନ ଓ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ । ଭୋଟରଙ୍କୁ ପ୍ରଭାବିତ କରୁଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ ରଖିବା ସହିତ ଆଇନ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ରାଜ୍ୟ ନିର୍ବାଚନ ଆୟୋଗ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ନଚେତ୍ ରାଜ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେପି ତରଫରୁ ଧାରଣା ଓ ପ୍ରତିବାଦ କରାଯିବ ବୋଲି ଡ.ଲେଖାଶ୍ରୀ କହିଛନ୍ତି ।

ଏହି ଅବସରରେ ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ଲିଗାଲ ସେଲ୍ ରାଜ୍ୟ ସଂଯୋଜକ ଜୟନ୍ତ ଜେନା, ଗଣମାଧ୍ୟମ ସହମୁଖ୍ୟ ସୁଜିତ ଦାସ୍ ପ୍ରମୁଖ ଉପସ୍ଥିତ ଥିଲେ ।

ଧାମନଗର ଉପନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର ,୧୬/୧୦ (ନି.ପ୍ର): ଧାମନଗର ଉପନିର୍ବାଚନ ପରିପ୍ରେକ୍ଷୀରେ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଧାମନଗର ଉପନିର୍ବାଚନ ପାଇଁ ଅକ୍ଟୋବର ୭ ତାରିଖ ଗେଜେଟ୍ ନୋଟିଫିକେସନ୍, ୧୪ ତାରିଖ ନାମାଙ୍କନ ପତ୍ର ଦାଖଲର ଶେଷ ଦିବସ, ୧୫ ତାରିଖ ନାମାଙ୍କନ ପତ୍ର ଯାଂଚ, ୧୭ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ, ନଭେମ୍ବର ୩ ତାରିଖ ସକାଳ ୭ଟାଠାରୁ ଅପରାହ୍ନ ୬ଟା ପର୍ଯ୍ୟନ୍ତ ଭୋଟଗ୍ରହଣ, ନଭେମ୍ବର ୬ ତାରିଖ ଭୋଟଗଣତି ଓ ନଭେମ୍ବର ୮ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ସଂପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ବୈଠକରେ ରାଜନୈତିକ ଦଳମାନଙ୍କୁ ଅବଗତ କରାଇଥିଲେ । ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ଭୋଟରଙ୍କ ସଂଖ୍ୟା ହେଉଛି ୨୩୮୪୧୭ ଜଣ । ତନ୍ମଧ୍ୟରେ ପୁରୁଷ ଭୋଟରଙ୍କ ସଂଖ୍ୟା ୧୨୩୦୩୮ ହୋଇଥିବାବେଳେ ମହିଳା ଭୋଟରଙ୍କ ସଂଖ୍ୟା ୧୧୫୩୪୬ ଜଣ, ତୃତୀୟ ଲିଙ୍ଗ ଭୋଟରଙ୍କ ସଂଖ୍ୟା ୩୩ ଜଣ, ଦିବ୍ୟାଙ୍ଗ ଭୋଟରଙ୍କ ସଂଖ୍ୟା ୪୬୫୬ ଜଣ, ୮୦ ବର୍ଷରୁ ଉର୍ଦ୍ଧ୍ୱର୍ ଭୋଟରଙ୍କ ସଂଖ୍ୟା ୭୨୦୬ ଜଣ ଓ ସର୍ଭିସ ଭୋଟରଙ୍କ ସଂଖ୍ୟା ୪୫୬ ଜଣ ଅଟେ । ଏଥର ମଧ୍ୟ ଧାମନଗର ଉପନିର୍ବାଚନରେ ଏମ୍-୩ ଇଭିଏମ୍ ଓ ଭିଭିପ୍ୟାଟ୍ ବ୍ୟବହାର କରାଯିବ । ୪୬-ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ୨୫୨ ଗୋଟି ବୁଥ୍ ରେ ଏଥର ଭୋଟ ଗ୍ରହଣ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି । ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ଦିବ୍ୟାଙ୍ଗ ଭୋଟରଙ୍କ ମତଦାନ ପାଇଁ ଏଥର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ପୋଷ୍ଟାଲ ବାଲାଟ୍ ଜରିଆରେ ସେମାନେ ଘରେ ରହି ମତଦାନ କରିପାରିବେ ଓ ଏଥି ନିମନ୍ତେ ୨୦ ଗୋଟି ପୁଲିଙ୍ଗ ପାର୍ଟିଙ୍କ ସହ ୨୦ ଜଣ ମାଇକ୍ରୋ ପର୍ଯ୍ୟବେକ୍ଷକ ନିଯୁକ୍ତ ହେବେ । ପୂର୍ବ ନିର୍ବାଚନଗୁଡ଼ିକ ପରି ଏଥର ଧାମନଗର ଉପନିର୍ବାଚନରେ ଭୋଟର ଫଟୋ ପରିଚୟ ପତ୍ର ସହ ଅନ୍ୟ ୧୨ଗୋଟି ବିକଳ୍ପ ପରିଚୟ ପତ୍ର ମତଦାନ ସମୟରେ ଭୋଟରମାନେ ବ୍ୟବହାର କରିପାରିବେ । ଏଥର ଉପନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ସର୍ବାଧିକ ୪୦ ଲକ୍ଷ ଟଙ୍କା ନିର୍ବାଚନ ଖର୍ଚ୍ଚ କରିପାରିବେ ବୋଲି ନିର୍ବାଚନ ଆୟୋଗ ସ୍ଥିର କରିଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ଜଣାଇଛନ୍ତି । ଅପରାଧପ୍ରବଣ ପୃଷ୍ଠଭୂମି ଥିବା ପ୍ରାର୍ଥୀମାନେ ଖବରକାଗଜ ଓ ଟେଲିଭିଜନ୍ ମାଧ୍ୟମରେ ତିନିଗୋଟି ପର୍ଯ୍ୟାୟରେ ସେମାନଙ୍କ ସଂପର୍କରେ ପ୍ରଚାରପ୍ରସାର କରିବେ । ଏଥର ଧାମନଗର ଉପନିର୍ବାଚନରେ ୧୨୬ଗୋଟି ବୁଥ୍ ରେ ୱେବ୍ କାଷ୍ଟିଙ୍ଗ କରାଯିବା ପାଇଁ ସ୍ଥିର କରାଯାଇଛି । ୨୬ ଜଣ ମାଇକ୍ରୋ ପର୍ଯ୍ୟବେକ୍ଷକ, ୪ କମ୍ପାନୀ କେନ୍ଦ୍ରୀୟ ପୋଲିସବଳ ଓ ୨୩ ପ୍ଲାଟୁନ୍ ରାଜ୍ୟ ପୋଲିସବଳ ନିୟୋଜିତ ହେବେ । ସମୁଦାୟ ୨୫୨ ଗୋଟି ବୁଥ୍ ମଧ୍ୟରୁ ୧୦୭ଟି ବୁଥ୍ କୁ ଉତେଜନାପ୍ରବଣ ବୁଥ୍ ଭାବେ ଚିହ୍ନଟ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ବୈଠକରେ ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏହି ସର୍ବଦଳୀୟ ବୈଠକରେ ଭାରତୀୟ ସମାଜବାଦୀ ପାର୍ଟିର ରାଜ୍ୟ ସାଧାରଣ ସଂପାଦକ ମଧୁସୂଦନ ଯାଦବ, ଭାରତୀୟ କମୁନିଷ୍ଟ ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଜୟନ୍ତ ଦାସ, ବିଜୁ ଜନତା ଦଳର ଉପସଭାପତି ଦେବୀପ୍ରସାଦ ମିଶ୍ର, ଭାରତୀୟ ଜନତା ପାର୍ଟିର ସାଧାରଣ ସଂପାଦିକା ଲେଖାଶ୍ରୀ ସାମନ୍ତସିଂହାର ଓ ଜୟନ୍ତ କୁମାର ଜେନା, ଭାରତୀୟ ଜାତୀୟ କଂଗ୍ରେସ ପାର୍ଟିର ଉପସଭାପତି ଶିବାନନ୍ଦ ରାୟଙ୍କ ସମେତ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଓ ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଭୁବନେଶ୍ୱରସ୍ଥିତ ଆଇସିଏଆରରେ ରାଷ୍ଟ୍ରୀୟ ମହିଳା କିଷାନ ଦିବସ ପାଳିତ

ଭୁବନେଶ୍ୱର ,୧୬/୧୦ (ନି.ପ୍ର): ଭାରତୀୟ କୃଷି ଗବେଷଣା ପରିଷଦ - କେନ୍ଦ୍ରୀୟ କୃଷିରତ ମହିଳା ପ୍ରତିଷ୍ଠାନ (ଆଇସିଏଆର-ସିଆଇଡବ୍ଲୁଏ), ଭୁବନେଶ୍ୱର ପକ୍ଷରୁ ରାଷ୍ଟ୍ରୀୟ ମହିଳା କିଷାନ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ କୈଳାସ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ନିଜର ଅଭିଭାଷଣରେ ସେ ଦେଶବ୍ୟାପୀ କୃଷ କ୍ଷେତ୍ରରେ ମହିଳା ଚାଷୀଙ୍କ ଉଲ୍ଲେଖନୀୟ ଯୋଗଦାନକୁ ପ୍ରଶଂସା କରିବା ସହିତ ସେମାନଙ୍କୁ ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି କହିଥିଲେ । ମହିଳା ଚାଷୀଙ୍କ ସମ୍ଭାବନାକୁ ବଢ଼ାଇବା ଲାଗି କୃଷି କ୍ଷେତ୍ରରେ ଲିଙ୍ଗଗତ ସମାନତା ଉପରେ ସେ ଜୋର ଦେଇଥିଲେ । ଏହାବ୍ୟତୀତ ସେ ପୁଷ୍ଟିସାଧନ ବୃଦ୍ଧିର ଆବଶ୍ୟକତା ଉପରେ ଜୋର ଦେବା ସହିତ ଗ୍ରାମୀଣ ପରିବାରର ସାମଗ୍ରିକ ବିକାଶ ପାଇଁ ଏହି କ୍ଷେତ୍ରରେ ବହୁମୁଖି ପ୍ରୟାସର ଆବଶ୍ୟକତା ରହିଛି ବୋଲି କହିଥିଲେ ।

ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ ଡିଏଆରଇ ସଚିବ ତଥା ନୂଆଦିଲ୍ଲୀ ଆଇସିଏଆରର ମହାନିର୍ଦ୍ଦେଶକ ଡକ୍ଟର ହିମାଂଶୁ ପାଠକ । ମହିଳା ଚାଷୀଙ୍କୁ ମୁଖ୍ୟଧାରାକୁ ଆଣିବା ଲାଗି ଅନ୍ୟ ଆଇସିଏଆର ସଂସ୍ଥାନ ସହିତ ସହଭାଗିତା ଭିତରେ ଗବେଷଣା କାର୍ଯ୍ୟ କରିବା ଉପରେ ସେ ଜୋର ଦେଇଥିଲେ । ଆହୁରି ସେ କହିଥିଲେ ଯେ, ଆଇସିଏଆର-ସିଆଇଡବ୍ଲୁଏ ଏପରି ଏକ ମଡେଲ ବିକଶିତ କରିବା ଉଚିତ ଯାହାକି ମହିଳା ସଶକ୍ତିକରଣ ପାଇଁ ବିଶ୍ୱସ୍ତରରେ ଗ୍ରହଣୀୟ ହୋଇପାରିବ ।

ପ୍ରାଣୀ ବିଜ୍ଞାନ ଉପ ମହାନିର୍ଦ୍ଦେଶକ ଡକ୍ଟର ବି.ଏନ. ତ୍ରିପାଠୀ ପଶୁପାଳନ କ୍ଷେତ୍ରରେ ମହିଳା ଚାଷୀଙ୍କ ଯୋଗଦାନକୁ ପ୍ରଶଂସା କରିବା ସହିତ ଏହି କ୍ଷେତ୍ରରେ ରହିଥିବା ଉଦ୍ୟମିତା ସମ୍ଭାବନା ବିଷୟରେ ଉଲ୍ଲେଖ କରିଥିଲେ । ମତ୍ସ୍ୟ ବିଜ୍ଞାନ ଉପ ମହାନିର୍ଦ୍ଦେଶକ ଡକ୍ଟର. ଜେ. କେ. ଜେନା ମହିଳା ଚାଷୀଙ୍କ ପାଇଁ ଲାଭଜନକ ମାଛ ଚାଷ ନିମନ୍ତେ ଗାଁ ପୋଖରୀର ଉପଯୋଗ ଏବଂ ଏହି କ୍ଷେତ୍ରରେ ରହିଥିବା ସୁଯୋଗ ଉପରେ ଆଲୋକପାତ କରିଥିଲେ ।

କୃଷି ଶିକ୍ଷା ଉପ ମହାନିର୍ଦ୍ଦେଶକ ଡକ୍ଟର ଆର. ସି. ଅଗ୍ରୱାଲ ତାଙ୍କର ଅଭିଭାଷଣରେ ରାଷ୍ଟ୍ରୀୟ ମହିଳା କିଷାନ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିବା ସହିତ ପୋଷଣ ଅଭିଯାନ ଜରିଆରେ ନ୍ୟୁଟ୍ରି-ସ୍ମାର୍ଟ ବା ପୋଷଣ ସଚେତନ ଗ୍ରାମରେ ଆଇସିଏଆର-ସିଆଇଡବ୍ଲୁଏ ପକ୍ଷରୁ କରାଯାଉଥିବା ପ୍ରୟାସ ବିଷୟରେ ସୂଚନା ଦେଇଥିଲେ । ନ୍ୟୁଟ୍ରି – ସ୍ମାର୍ଟ ଗ୍ରାମ ବିକାଶରେ ସବିଶେଷ ଯୋଗଦାନ ଦେବା ଲାଗି ସେ ମହିଳା ଚାଷୀମାନଙ୍କୁ ନିବେଦନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆଇସିଏଆର-ସିଆଇଡବ୍ଲୁଏ ନିର୍ଦ୍ଦେଶକ ଡକ୍ଟର ଅନିଲ କୁମାର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ପ୍ରତିନିଧି ଓ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନୀମାନେ ଦୀର୍ଘସ୍ଥାୟୀ କୃଷି ପ୍ରଣାଳୀ, ବିଭିନ୍ନ ପ୍ରକାରର ଫସଲ ଏବଂ ଚାଷ ପରିଚାଳନ ଉପରେ ମହିଳା ଚାଷୀଙ୍କୁ ସଦ୍ୟତମ ଜ୍ଞାନ ପ୍ରଦାନ କରିଥିଲେ । ଏହି ଅବସରରେ ପୋଷକ ତତ୍ତ୍ୱ ଥିବା ବିଭିନ୍ନ ପ୍ରକାର ଫସଲ ଓ ଖାଦ୍ୟ ସାମଗ୍ରୀକୁ ନେଇ ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ନ୍ୟୁଟ୍ରି-ସ୍ମାର୍ଟ ଗ୍ରାମର ମହିଳା ଚାଷୀମାନେ ସେମାନଙ୍କ ପୋଷକ ତତ୍ତ୍ୱଯୁକ୍ତ ଖାଦ୍ୟ ସାମଗ୍ରୀ ପ୍ରଦର୍ଶିତ କରିଥିଲେ । ଏହି ସମାରୋହରେ ପ୍ରତିଷ୍ଠାନ ପକ୍ଷରୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରାଯାଇଥିବା ଗ୍ରାମରୁ ୩୦୦ରୁ ଅଧିକ ମହିଳା ଚାଷୀ ଅଂଶଗ୍ରହଣ କରିଥିଲେ । ଏହାଛଡ଼ା ସାରା ଦେଶରୁ ୫୦୦ରୁ ଅଧିକ ମହିଳା ଚାଷୀ ଡଜଟାଲ ମାଧ୍ୟମରେ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ । ଏହି କାର୍ଯ୍ୟକ୍ରମ ବହୁସଂଖ୍ୟକ ମହିଳା ଚାଷୀଙ୍କୁ ସେମାନଙ୍କର ସଫଳତା ଓ ଅଭିଜ୍ଞତା ବାଣ୍ଟିବା ଲାଗି ଏକ ମଞ୍ଚ ଯୋଗାଇ ଦେଇଥିଲା । କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ସେମାନଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ପ୍ରଗତିଶୀଳ ମହିଳା ଚାଷୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ଶେଷରେ ଆଇସିଏଆର-ସିଆଇଡବ୍ଲୁଏର ପ୍ରମୁଖ ବୈଜ୍ଞାନିକ ତଥା କାର୍ଯ୍ୟକ୍ରମର ସଂଯୋଜିକା ଡକ୍ଟର ଲିପି ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ଡିଆଇପିଆରଓମାନଙ୍କ ତିନିଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର ,୧୬/୧୦ (ନି.ପ୍ର): ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ଭୁବନେଶ୍ୱରସ୍ଥିତ ମଧୁସୂଦନ ଦାସ ଆଂଚଳିକ ବିତୀୟ ପରିଚାଳନା ପ୍ରତିଷ୍ଠାନଠାରେ ଆୟୋଜିତ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀଙ୍କ ତିନିଦିନିଆ ହିସାବ ରକ୍ଷଣ ଓ ବିତୀୟ ପରିଚାଳନା ସଂପର୍କିତ ପ୍ରଶିକ୍ଷଣ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ କହିଥିଲେ ଯେ ଏହା ଦ୍ୱାରା ଅଧିକାରୀମାନଙ୍କ କାର୍ଯ୍ୟଦକ୍ଷତା ଅଧିକ ସୁଦୃଢ଼ ହେବ । ଆଗାମୀ ଦିନରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଏହିପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ନିର୍ଦ୍ଦେଶକ ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ । ନିର୍ଦ୍ଦେଶକ ଶ୍ରୀ ତ୍ରିପାଠୀ ବିଭିନ୍ନ ବିଷୟ ନେଇ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଏହି ପ୍ରଶିକ୍ଷଣ ଗୁଣାତ୍ମକ ଥିଲା ଏବଂ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀମାନଙ୍କ ପାଇଁ ଏହା ଲାଭଦାୟକ ହୋଇଛି ବୋଲି ଡିଆଇପିଆରଓମାନେ ମତ ଦେଇଥିଲେ । ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ତ୍ରିପାଠୀ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ ଏହ ତିନିଦିନିଆ ପ୍ରଶିକ୍ଷଣ ଶିବିରରେ ବଜେଟ୍ ପ୍ରସ୍ତୁତି, ପେନ୍‌ସନ୍ ନିୟମ, ସରକାରୀ ବିତୀୟ ବ୍ୟବସ୍ଥା ଓ ଅଡିଟ୍, ଆୟକର ପ୍ରଦାନରେ ଟିଡିଏସ୍ ବ୍ୟବସ୍ଥା, ଜିଏସ୍‌ଟି, ଜିଏଏମ୍ ପୋର୍ଟାଲ ଆଦି ସଂପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ଅବସରରେ ସୂଚନା ଓ ଲୋକସଂପର୍କ ବିଭାଗର ଯୁଗ୍ମ ସଚିବ ଶ୍ରୀମତୀ ବିଷ୍ଣୁପ୍ରିୟା ସାହୁ, ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଗୁରବୀର ସିଂ, ମଧୁସୂଦନ ଦାସ ଆଂଚଳିକ ବିତୀୟ ପରିଚାଳନା ପ୍ରତିଷ୍ଠାନର ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ଚିରସ୍ମିତା ସାହୁ ଏବଂ ଉପନିର୍ଦ୍ଦେଶକ ଭାନୁମଙ୍ଗଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ଠିକା ବିଦ୍ୟୁତ୍ କର୍ମଚାରୀଙ୍କ ପାଇଁ ନୂଆ ଆଶାର ଆଲୋକ ଆଣିଲା ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘ

ଭୁବନେଶ୍ୱର ,୧୬/୧୦ (ନି.ପ୍ର): ବିଳମ୍ବରେ ହେଲେ ମଧ୍ୟ ଅନ୍ୟ ସମସ୍ତ ବିଦ୍ୟୁତ୍ ବିତରଣ କମ୍ପାନୀରେ ଦୀର୍ଘ ଦିନରୁ ଆଉଟ୍‌ସୋର୍ସିଂ ଏଜେନ୍ସି ମାଧ୍ୟମରେ ଅସ୍ଥାୟୀ କର୍ମଚାରୀ ଭାବେ ସ୍ଥାୟୀ କାର୍ଯ୍ୟ ସମ୍ପାଦନ କରୁଥିବା ଶ୍ରମିକ କର୍ମଚାରୀଙ୍କ ପାଇଁ ଥଇଥାନ ନୀତିର ଘୋଷଣା ପରେ ଆଜି ଭୁବନେଶ୍ୱର ଟାଟା ପାୱାର ମୁଖ୍ୟ ଦପ୍ତରରେ ହୋଇଥିବା ବୈଠକ ପରେ ଟିପିସିଓଡିଏଲ୍ ରେ କାର୍ଯ୍ୟରତ ସମସ୍ତ ଶ୍ରମିକ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ପାଇଁ ବିଭାଗୀୟ କର୍ତୃପକ୍ଷ ପ୍ରତିଶ୍ରୁତି ଦେବା ସଂଗେସଂଗେ ସ୍ଥାୟୀ ନିଯୁକ୍ତିର ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି ବୋଲି ଠିକା ବିଦ୍ୟୁତ୍ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଅମର ଯୁମର ପ୍ରତାପ ସିଂ କହିଛନ୍ତି । ଉପରୋକ୍ତ ନିଯୁକ୍ତି ପାଇଁ ୬୦ ମାର୍କର ଏକ ଲିଖିତ ପରୀକ୍ଷା ସହ ୨୦ ମାର୍କର ସାକ୍ଷାତ ପରୀକ୍ଷା ଓ ସବୁଠାରୁ ଅଧିକ ୨୦ ମାର୍କ ପର୍ଯ୍ୟନ୍ତ ଅଭିଜ୍ଞତାକୁ ମିଶାଇ ସମୁଦାୟ ୧୦୦ ମାର୍କର ଚୟନ ପ୍ରକ୍ରିୟା ଧାର୍ଯ୍ୟ କରାଯାଇଅଛି । ଏପରି ଏକ ନିଯୁକ୍ତି ସୁଯୋଗ ପ୍ରଦାନ କରିବାର ସଫଳ ପ୍ରୟାସ ପାଇଁ ଆଜିର ବୈଠକରେ ଟିପିସିଓଡିଏଲ୍‌ର ସମସ୍ତ ୨୦ଟି ଡିଭିଜନର ଡିଭିଜନ ସମ୍ପାଦକ, ସମସ୍ତ ସର୍କଲ ସମ୍ପାଦକ, ଉପସ୍ଥିତ ଥିବା ଉପସଭାପତି, ମୁଖ୍ୟ ସଂଗଠନ ସମ୍ପାଦକ ଓ ଯୁଗ୍ମ ସମ୍ପାଦକଙ୍କ ସହ ସାରା ଓଡ଼ିଶାର ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀ ରାଜୀବ ମହାନ୍ତିଙ୍କ ସଠିକ୍ ଅଙ୍କକଷା ଓ ସମସ୍ତଙ୍କ ପ୍ରିୟ ସଭାପତି ସୁବାଷ ସିଂହଙ୍କ ତତ୍ତ୍ୱାବଧାନ ପାଇଁ କୃତଜ୍ଞତା ଜଣାଇବା ସହ ସାଧାରଣ ସମ

ଧାମନଗର ଉପନିର୍ବାଚନ : ସମୁଦାୟ ମତଦାତା ୨,୩୮,୪୧୭

ଭଦ୍ରକ,୧୬/୧୦(ନି.ପ୍ର): ସ୍ୱଚ୍ଛ ତଥା ସୁଦୃଢ଼ ଗଣତନ୍ତ୍ର ପାଇଁ ପ୍ରତ୍ୟେକ ନାଗରିକଙ୍କ ମତଦାନ ଅତ୍ୟନ୍ତ ମୂଲ୍ୟବାନ। ଆସନ୍ତା ତା ୩-୧୧-୨୨ରିଖ ଗୁରୁବାର ଦିନ ୪୬-ଧାମନଗର ଉପନିର୍ବାଚନ ନିମନ୍ତେ ସମସ୍ତ ୨୫୨ ଗୋଟି ମତଦାନ କେନ୍ଦ୍ରରେ ସକାଳ ୭ ଘଟିକା ଠାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ଧାମନଗର ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨,୩୮,୪୧୭ ମତଦାତା ଅଛନ୍ତି । ଏହି ପରିପ୍ରେକ୍ଷୀରେ ସମସ୍ତ ମତଦାତାମାନଙ୍କୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ବିନମ୍ର ନିବେଦନ କରିଛନ୍ତି କି ସେମାନେ ଏହି ଦିବସକୁ ମତଦାତା ଉତ୍ସବ ହିସାବରେ ପରିଗଣିତ କରି ସମସ୍ତେ ନିରପେକ୍ଷ ଏବଂ ମୂଲ୍ୟବାନ ମତଦାନ କରନ୍ତୁ। ଭାରତର ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରଦତ୍ତ ସୂଚନା ଅନୁଯାୟୀ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ଦ୍ୱାରା ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ମତଦାତାମାନଙ୍କୁ ଏହି ନିବେଦନ କରାଯାଇଛି।

ଜନ ସଂପର୍କ ପଦଯାତ୍ରାର ୪ର୍ଥ ପର୍ଯ୍ୟାୟ

ଜଳେଶ୍ୱର, ୧୬/୧୦(ନି.ପ୍ର): ଆଜି ଜଳେଶ୍ୱର ବ୍ଲକର ଜନ ସଂପର୍କ ପଦଯାତ୍ରାର ୪ର୍ଥ ପର୍ଯ୍ୟାୟ ଥିବାରୁ ଆରୁହା ପଂଚାୟତର ମନ୍ଦିର ଠାରୁ ନିମପୁର ପର୍ଯ୍ୟନ୍ତ ବିଜେଡିର କର୍ମୀମାନେ ଶୋଭାଯାତ୍ରାରେ ଯାଇ ଜନସଚେତନତା କାର୍ଯ୍ୟରେ ଭାଗ ନେଇଥିଲେ। ଜ୍ଞାନବିକାଶ ପବ୍ଲିକ ସ୍କୁଲ ପରିସରରେ ଆୟୋଜିତ ସଭାରେ ଲେଲିନ୍ କୁମାର ପ୍ରଧାନ ସଭାପତିତ୍ୱ କରି ସୂଚନା ପ୍ରଦାନ କରିଥିଲେ । ଏଥିରେ ମୁଖ୍ୟବକ୍ତାଭାବେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ୭୭ବର୍ଷପୁର୍ତ୍ତି ଅବସରରେ କେକ୍‌କାଟି ଆନନ୍ଦ ମନାଇଥିଲେ । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ୫ମ ପାଳି ମଧ୍ୟରେ ସେ ନିଯୁକ୍ତିରେ ମହିଳାଙ୍କୁ ୫୦ଭାଗ ଓ ନିର୍ବାଚନରେ ୩୩ଭାଗ ସଂରକ୍ଷଣ କରି ଦେଶରେ ଏକ ରେକଡ ସୃଷ୍ଟି କରିଛନ୍ତି। ଏହି ସଂରକ୍ଷଣ ବ୍ୟବସ୍ଥା ଲାଗି ସେ ବହୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଏପରିକି ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସେ କହିଥିଲେ । ରାଜ୍ୟରେ ପୁଞ୍ଜି ଲଗାଣ ଲାଗି ବହୁ ଶିଳ୍ପପତିଙ୍କ ସହ ସାକ୍ଷାତ ଆଲୋଚନା କରୁଥିବା ବେଳେ ରାଜ୍ୟରେ କ୍ରିଡାର ଅଗ୍ରଗତି ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି ବୋଲି କହିଥିଲେ । ପୁଣି ସମ୍ବିଧାନରେ ଅହିଂସା ଶବ୍ଦର ପ୍ରୟୋଗ ନ ଥିବା ବେଳେ ଏହା ବ୍ୟବହାର ଲାଗି ସେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ନିବେଦନ କରିବା ସଂପର୍କରେ ମଧ୍ୟ କହିଥିଲେ । ମୁଖ୍ୟମନ୍ତ୍ରୀ ଆଦର୍ଶ ବ୍ୟକ୍ତିତ୍ୱର ଅଧିକାରୀ ହୋଇଥିବା ବେଳେ ପ୍ରମିଳା ବିଶୋଇଭଳି ମହିଳାଙ୍କୁ ସଂସଦରେ ସ୍ଥାନଦେବା ତାଙ୍କ ଅନ୍ୟଏକ ବ୍ୟକ୍ତିର ପରିଚୟ ବୋଲି କହିଥିଲେ ।

ଜିଲ୍ଲା ସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିନ

ବାଳକ ବିଭାଗରେ ଖୁଣ୍ଟା ଓ ଶୁଳିଆପଦା, ବାଳିକା ବିଭାଗରେ କୁସୁମୀ ଓ ବାରିପଦା ଫାଇନାଲରେ

ବାରିପଦା,୧୬/୧୦(ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ୧୭ ବର୍ଷରୁ କମ ବାଳକ / ବାଳିକା ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିନ ବାଳକ ବିଭାଗର ପ୍ରଥମ ସେମିଫାଇନାଲରେ ଖୁଣ୍ଟା ବାରିପଦାକୁ ୧-୦ ଓ ଦ୍ୱିତୀୟ ସେମିରେ ଶୁଳିଆପଦଓ ବିଜାତଳଓକୁ ୩-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି ଓ ସେହିପରି ବାଳିକା ବିଭାଗର ପ୍ରଥମ ସେମିଫାଇନାଲରେ କୁସୁମୀ କୁଳିଅଣାକୁ ୨-୦ ଓ ଦ୍ୱିତୀୟ ସେମିରେ ବାରିପଦା ରରୁଆଁକୁ ୨-୧ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି । ଆଜିର ଖେଳକୁ ଯଶୋବନ୍ତ ମହାନ୍ତ, ବିଶ୍ୱନାଥ ଦାସ, ଅସିତ ବରୁଣ ପାଲ, ସିଲି ମାଝି, ଦିଲ୍ଲୀପ କୁମାର ସେନାପତି, କାପୁରା ମାଝି, ନିରଞ୍ଜନ ସିଂ ଦେଓ ସଓଚେନ, ରଘୁ ହାଁସଦା, ସଓଗେନ ମାଝି, ଜଗଜିତ ମାଝି ଓ ସୁଧା ରଞ୍ଜନ ମହାକୁଡ଼ ପରିଚାଳନା କରିଥିଲେ ଓ ବରିଷ୍ଠ କ୍ରୀଡ଼ାବିତ ଅମୁଲ୍ୟ ମିଶ୍ର, କୁମାର ରଞ୍ଜନ ପଣ୍ଡା, ନନ୍ଦଲାଲ ମହାପାତ୍ର, ମଣ୍ଟୁ ଦା, ହରିଶ ଚନ୍ଦ୍ର ଷଡଙ୍ଗୀ, ବିନୋଦ ରାମ, ବଡ଼ସାହି ବ୍ଲକ ସ୍ପୋର୍ଟସ ଏସୋସିଏସନର ସଦସ୍ୟା ପ୍ରଧାନ ଶିକ୍ଷୟତ୍ରୀ ପାର୍ବତୀ ମୁର୍ମୁ, ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ପଣ୍ଡା ତଥା ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ପ୍ରସନ୍ନଜିତ ମହାନ୍ତି, ଅମ୍ବିକା ରାଉତ ତଥା ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗିରଥି ମଲ୍ଲିକ, ଗଣ ମାଧ୍ୟମ ସଂଯୋଜକ ସୋମନାଥ ସିଂହ, ଶିକ୍ଷକ ଦୀପକ ରାମ ଓ ପ୍ରଦୀପ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ଓ ଦୁର୍ଗା ଚରଣ ମହାନ୍ତ ଧାରା ବିବରଣୀ ଦେଇଥିଲେ ।

ବାଖରାବାଜ ଯୋଗାଶ୍ରମରେ ଶିବମୁନିଙ୍କର ୧୩୯ତମ ଜନ୍ମ ଜୟନ୍ତୀ ପାଳିତ

ବାଖରାବାଜ,୧୬/୧୦(ନି.ପ୍ର): ଦିନ ତିନି ଘଟିକା ସମୟରେ ବାଖରାବାଜ ଶିବମୁନି ଯୋଗ ଶିକ୍ଷା କେନ୍ଦ୍ରରେ, ଆଦି ମୁନିଶ୍ୱର ଯୋଗେଶ୍ୱର ସଦଗୁରୁଦେବ ଶିବମୁନି ମହାରାଜଙ୍କର ୧୩୯ତମ ଜନ୍ମ ଜୟନ୍ତି,ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ,ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି ।ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ,ଓଡ଼ିଶା ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ,ମୁନି ସମାଜର ଜ୍ୟୋତି,ଜିଲ୍ଲା ସମ୍ପାଦକ,ବ୍ରହ୍ମଜ୍ଞାନୀ ଯୋଗୀ ଅନନ୍ତ ମୁନିଜୀ ମହୋଦୟ । ମୁଖ୍ୟ ବକ୍ତା ଥିଲେ ଆଶ୍ରମର ଯୋଗଶିକ୍ଷକ ଯୋଗୀ ଶଙ୍କର ପାଲ ମହୋଦୟ ।ସେ ଶିବମୁନିଙ୍କ ଜିବନୀ ଉପରେ ଆଲୋକ ପାତ କରିଥିଲେ । ହାତିଆଡିହା ଯୋଗାଶ୍ରମ ରୁ ଆସିଥିବା ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି, ଶିବମୁନିଙ୍କ ଦର୍ଶନ ଉପରେ ଗଭୀର ଆଲୋକପାତ କରିଥିଲେ । ଥମେ ସମୂହ ପ୍ରଣବ,ଶାନ୍ତି ପାଠ କରାଯାଇଥିଲା ।ଶିବ ବଚନାମୃତ ପାଠ କରିଥିଲେ, ମଞ୍ଚାସୀନ ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା ।ମଞ୍ଚାସୀନ ଆଶ୍ରମର ଅଧକ୍ଷ ମୁନି ରାଜ କାଳିଚରଣ ମୁନି, ମୁନି ସମାଜର ସଙ୍ଗଠନ ଉପରେ ଆଲୋକ ପାତ କରିଥିଲେ । ମଞ୍ଚାସୀନ ମୁନି ରାଜ ଅମୂଲ୍ୟ ମୁନି ଶିବମୁନିଜୀଙ୍କର ଅସାଧାରଣ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ମୁନି ସଙ୍ଗୀତ ଗାନ କରିଥିଲେ, ମୁନିରାଜ୍ଞୀ ଆତ୍ମଦର୍ଶିନୀ ଶକୁନ୍ତଳା ପରିଡ଼ା ଏବଂ ମୁନି ରାହାସ ବିହାରି ବାରିକ । ଉପସ୍ଥିତ ଥିଲେ, ଆଶ୍ରମର, ମୁନିମତୀ ସବିତା ମାଝି, ମିନତୀ ବେହେରା, ମିନା ସିଂ, ରୁନୁ ସିଂ,ପାର୍ବତୀ ସୋରେନ,ବାସନ୍ତୀ ଟୁଡୁ,ମିନତୀ ଟୁଡୁ, ଆରତୀ ବେହେରା, ବୀଣା ସିଂ, କବିତା ସୋରେନ,ସାବିତ୍ରୀ ଜେନା, ମଞ୍ଜୁଲତା ବେହେରା, କଳ୍ପନା ଦେ, ସାବିତ୍ରୀ ବାରିକ, ଫୁଲମଣୀ ବେହେରା ପ୍ରମୁଖ ମୁନି-ମୁନିମତୀ ମାନେ । ମୁଖ୍ୟ ଅତିଥିଙ୍କର ଆହ୍ୱାନ୍ନ ଥିଲା, ମୁନି ସମାଜକୁ ଆଗେଇନିଅ, ସତ୍ୟର ପ୍ରଚାର ଏବଂ ପ୍ରସାର କରିଚାଲ, ସତ୍ୟସିଦ୍ଧାନ୍ତର ପ୍ରଚାର କରିଚାଲ,ସାଧନ କର-ନୀରୋଗ ରୁହ । ଶେଷରେ ଆତ୍ମଜ୍ଞାନୀ ଯୋଗୀ ଭୀକାରି ଚରଣ ମୁନି ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ଏବଂ ସୁସ୍ୱାଦୁ ମିଷ୍ଟାନ୍ନରେ ଆପ୍ୟାୟିତ କରିଥିଲେ ।

ସଜନାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୪ଦିନରେ ଦୁଇ ଦୁଇ ଥର ଚୋରୀ

ନୀଳଗିରି,୧୬/୧୦(ନି.ପ୍ର): ଚାରିଦିନ ନ ପୁରୁଣୁ ସଜନାଗଡ଼ ସ୍ୱାସ୍ଥ୍ୟ କେନ୍ଦ୍ରରେ ପୁର୍ନବାର ତାଲା ଭାଙ୍ଗି ଚୋରି ହେବା ଘଟଣା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗଙ୍କୁ ଚୋରଙ୍କ ଖୋଲା ଚ୍ୟାଲେଞ୍ଜ ପାଲଟିଛି । ସୂଚନା ଅନୁଯାଇ ଗତ ବୁଧବାର ଦିନ ବିଳମ୍ବିତ ରାତିରେ ସଜନାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚୋରୀ ହୋଇଥିଲା । ଘଟଣା ଘଟିବାର ୩ ଦିନ ପରେ ଅର୍ଥାତ୍ ଶନିବାର ବାଲେଶ୍ୱର ସି.ଡି.ଏମ.ଓ. ଦୁଲାଳସେନ ଜଗଦେବ ଏବଂ ତାଙ୍କ ଟିମ୍ ମେଡିକାଲ ପରିଦର୍ଶନରେ ଆସି ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହୋଇଥିଲେ । ଟିମ୍ ଫେରିବାର ୧୨ଘଂଟା ନ ପୁରୁଣୁ ଶନିବାର ରାତିରେ ପୁଣି ଚୋରୀ ହୋଇଥିବା ମେଡିକାଲ ଫାର୍ମାସିଷ୍ଟ ସୁଜିତ୍ ମାଝୀ ନୀଳଗିରି ଥାନାରେ ଅଭିଯୋଗ ପରେ ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ କରିଛନ୍ତି। ହସପିଟାଲ ପରିସରୁ ଏକ ନୂଆ କମ୍ପ୍ୟୁଟର, ୧୦ଟି ଫ୍ୟାନ ସହ ବିଭିନ୍ନ ମେଡିକାଲ ସାମଗ୍ରୀ ଚୋରୀ ହୋଇଥିବା ଜଣାପଡ଼ିଛି । ମାତ୍ର ୪ଦିନ ମଧ୍ୟରେ ଦୁଇ ଦୁଇ ଥର ଚୋରୀ ହେବା ସାଧାରଣରେ ହଜମ ହୋଇ ପାରୁନି । ପ୍ରଥମ ଚୋରୀର ପୋଲିସ କୌଣସି ସୁରାକ ପାଇ ନ ଥିବା ବେଳେ ସି.ଡି.ଏମ.ଓ. ଙ୍କ ମେଡିକାଲ ପରିଦର୍ଶନର ମାତ୍ର କେଇ ଘଂଟା ପରେ ପୁଣି ହସପିଟାଲ ପରିସରରୁ ଚୋରୀ ହେବା ଚୋରଙ୍କ ଖୋଲା ଚ୍ୟାଲେଂଜ ସହ ଏଥିରେ ବିଭାଗର ଅପାରଗତା କିମ୍ବା ସଂପୃକ୍ତିକୁ ଅବମାନନା କରାଯାଇ ନ ପାରେ । ହସପିଟାଲରେ ସିକୁରିଟି ବ୍ୟବସ୍ଥା ନ ଥିବା ବିଷୟରେ ଅଧିକାରୀ ଜାଣିବା ପରେ ସୋମବାର ଠାରୁ ସିକୁରିଟି ନିଯୁକ୍ତି ନେଇ ଘୋଷଣାର ମାତ୍ର କେଇ ଘଂଟା ପରେ ପୁଣି ଚୋରୀ ହେବା ଘଟଣାକୁ ଅଂଚଳବାସୀ ସହଜରେ ହଜମ କରି ପାରୁନାହାନ୍ତି। ଘଟଣାର କୌଣସି କର୍ମଚାରୀ ସଂପୃକ୍ତି ଥାଇପାରନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଉଦଳାରେ ଆମ ଆଦମି ପାର୍ଟିର ସାମ୍ବାଦିକ ସମ୍ମିଳନୀ

ଉଦଳା,୧୬/୧୦(ନି.ପ୍ର): ଆମ ଅଦମି ପାର୍ଟି ତରଫରୁ ଉଦଳା ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଚଳିତ ଅକ୍ଟୋବର ୧୫ ତାରିଖ ଶନିବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ପାର୍ଟିର ଉଦଳା ବିଧାନସଭା ନିର୍ବାଚନ ମଣ୍ଡଳୀର ସଂଯୋଜକ ସତ୍ୟ ସୁନ୍ଦର ଦେ ପ୍ରାରମ୍ଭରେ ଆଜିର ସାମ୍ବାଦିକ ସମ୍ମିଳନୀର ଉଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହାପରେ ପାର୍ଟିର ଜିଲ୍ଲା ପର୍ଯ୍ୟବେକ୍ଷକ ଜୟସୁର୍ଯ୍ୟ କାନନଗୋ ଆଗାମୀ ଦିନରେ ପାର୍ଟି ତରଫରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୁଚନା ପ୍ରଦାନ କରିଥିଲେ । ଏହାପରେ ସାମ୍ବାଦିକ ମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ଆଜିର ଏହି ସମ୍ମିଳନୀକୁ ସଫଳ କରିବା ପାଇଁ ମହୋନ ମୁର୍ମୁ, ସୁରେଶ୍ୱର ଜେନା, କାଳନ୍ଦି ଚରଣ ରାଉତ, ସୌମ୍ୟ ରଂଜନ ମହାନ୍ତି ସହଯୋଗ କରିଥିଲେ । ଶେଷରେ ଭରତ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

'ଓଏଏସ'ରେ ଅତିରିକ୍ତ ଦ୍ରବ୍ୟ ଓ ସେବାକର ଅଧିକାରୀଙ୍କ କୃତିତ୍ୱ

ବାଲେଶ୍ୱର,୧୬/୧୦(ନି.ପ୍ର): ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିବା ବାଲେଶ୍ୱର ମଣ୍ଡଳ ଅଧୀନରେ କାର୍ଯ୍ୟରତ ଅତିରିକ୍ତ ବାଣିଜ୍ୟକର, ଦ୍ରବ୍ୟ ଓ ସେବାକର ଅଧିକାରୀ ରାଜେନ୍ଦ୍ର ନାରାୟଣ ସେନାପତିଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି । ପୁରୀ ଜିଲା କାକଟପୁରର ଦହିଖିଆ ଗ୍ରାମରେ ତାଙ୍କର ଘର। ପିତା ପ୍ରଭାତ ସେନାପତି, ମାତା ସଂଯୁକ୍ତା ସେନାପତି ଓ ପତ୍ନୀ ରତୁପର୍ଣ୍ଣା ସ୍ୱାଇଁଙ୍କଠାରୁ ପ୍ରେରଣା ପାଇ କଠୋର ଅଧ୍ୟବସାୟ ବଳରେ ବିନା କୋଚିଂରେ ତାଙ୍କୁ ୮୧ ର୍ୟାଙ୍କ ମିଳିପାରିଛି। କାର୍ଯ୍ୟବ୍ୟସ୍ତତା ମଧ୍ୟରେ ସେ ଓଏଏସ ପ୍ରସ୍ତୁତି ସହ ଦ୍ୱିତୀୟ ସୁଯୋଗରେ ତାଙ୍କୁ ଏହି ସଫଳତା ମିଳିପାରିଛି। ତାଙ୍କର ସମୟ ନୁବର୍ତ୍ତିତ, କର୍ତ୍ତବ୍ୟପରାୟଣତା ପାଇଁ ସେ ଅଫିସରେ ସମସ୍ତଙ୍କ ପ୍ରିୟପାତ୍ର ଥିଲେ। ଏବେ ଏହି ସଫଳତାକୁ ନେଇ ତାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛାର ସୁଅ ଛୁଟିଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ରୋଚକ ହେଉଛି ଧାମନଗର ....

ଯଦି ରାଜେନ୍ଦ୍ର ଦାସ ପ୍ରାର୍ଥୀପତ୍ର ପ୍ରତ୍ୟାହାର ନକରନ୍ତି, ତେବେ ଧାମନଗର ଉପନିର୍ବାଚନରେ ୪ ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ । ଶାସକ ଦଳର ଅଙ୍କ ବିଗିଡ଼ିଯିବା ଆଶଙ୍କା ରହିଛି । ଏପଟେ ଶୁଣିବାକୁ ମିଳୁଛି, ରାଜେନ୍ଦ୍ର ଦାସଙ୍କୁ ମନାଇବା ପାଇଁ ଜୋରଦାର ଉଦ୍ୟମ କରୁଛି ବିଜେଡି । ଅନ୍ୟପଟେ ଏହି ସ୍ଥିତିରୁ ଫାଇଦା ଉଠାଇବାକୁ ଉଦ୍ୟମ ଆରମ୍ଭ କରିଛି ବିଜେଡି । ତେବେ ରାଜେନ୍ଦ୍ର ଦାସ କହିଛନ୍ତି, ସେ ଲୋକଙ୍କ ସୁଖଦୁଃଖରେ ଛିଡା ହୋଇଆସିଛନ୍ତି ଏବଂ ସ୍ୱାଭିମାନ ପାଇଁ ନିର୍ବାଚନ ଲଢୁଛନ୍ତି । ବିଜେଡି ପ୍ରାର୍ଥୀ ଅବନ୍ତୀ ଦାସ କହିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ସହ ଲୋକାଭିମୁଖୀ କାର୍ଯ୍ୟ ତାଙ୍କୁ ବିଜୟୀ କରାଇବ । ଧାମନଗର ନିର୍ବାଚନ ମଇଦାନ ସରଗରମ ହେବାରେ ଲାଗିଛି । ବାପା ବିଷ୍ଣୁ ସେଠୀଙ୍କ ଲୋକପ୍ରିୟତା ଏବଂ ତାଙ୍କର ଅବର୍ତମାନରେ ସୃଷ୍ଟି ହୋଇଥିବା ସମବେଦନା ଉପରେ ଭରସା କରିଛନ୍ତି ବିଜେପି ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ । ଅନ୍ୟପଟେ କଂଗ୍ରେସ ପ୍ରାର୍ଥୀ ବାବା ହରେକୃଷ୍ଣ ସେଠୀ ମଧ୍ୟ ଏଥର ବିଜୟୀ ହେବେ ବୋଲି ଆଶା ବାନ୍ଧିଛନ୍ତି ।

୭୫ଟି ଡିଜିଟାଲ୍ ବ୍ୟାଙ୍କିଂ....

କେନ୍ଦ୍ର ବଜେଟ୍ ଭାଷଣର ଅଂଶ ଭାବେ, ଅର୍ଥ ମନ୍ତ୍ରୀ ଆମ ଦେଶ ସ୍ୱାଧୀନତାର ୭୫ ତମ ବର୍ଷ ପୂର୍ତ୍ତି ପାଳନ ଅବସରରେ ଦେଶର ୭୫ଟି ଜିଲ୍ଲା ଗୁଡିକରେ ୭୫ଟି ଡିଜିଟାଲ୍ ବ୍ୟାଙ୍କିଂ ୟୁନିଟ୍ ସ୍ଥାପନ କରିବା ନେଇ ଘୋଷଣା କରିଥିଲେ । ଏହି ଡିଜିୟୁ ଗୁଡିକ ଦେଶର ସମସ୍ତ ରାଜ୍ୟ ଗୁଡିକରେ ଏବଂ କେନ୍ଦ୍ର ଶାସିତ ପ୍ରଦେଶର କୋଣ ଅନୁକୋଣରେ ଡିଜିଟାଲ୍ ବ୍ୟାଙ୍କିଂ ସୁବିଧାର ଲାଭ ପହଂଚାଇବାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟ ନେଇ ସ୍ଥାପିତ କରା ଯାଉଛି । ୧୧ଟି ରାଷ୍ଟ୍ରାୟତ ବ୍ୟାଙ୍କ, ୧୨ଟି ଘରୋଇ କ୍ଷେତ୍ରର ବ୍ୟାଙ୍କ ଏବଂ ଏକ କ୍ଷୁଦ୍ର ଆର୍ଥିକ ବ୍ୟାଙ୍କ ଏହି ପ୍ରୟାସରେ ଅଂଶ ଗ୍ରହଣ କରିଛନ୍ତି ।

୫୦ ଲକ୍ଷ ଟଙ୍କା ଲାଞ୍ଚ ଦେବା....

ତାଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ ହୋଇଛି ଏବଂ ଅଭିଯୁକ୍ତଙ୍କ ନିକଟରୁ ୫୦ ଲକ୍ଷ ଟଙ୍କା ମଧ୍ୟ ଜବତ କରାଯାଇଛି। ଆଜି ତାଙ୍କୁ କୋର୍ଟରେ ହାଜର କରାଯିବ। ମନମୋହନ କୁମରଙ୍କ ବୟାନ ଆଧାରରେ ଏହି ପୂର୍ବତନ ମନ୍ତ୍ରୀଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରାଯାଇଛି। ଅକ୍ଟୋବର ୧୪ ତାରିଖରେ ସୁନ୍ଦର ଶ୍ୟାମ ଅରୋରା ମନମୋହନଙ୍କୁ ଭେଟିଥିଲେ। ଭିଜିଲାନ୍ସ ଯାଞ୍ଚରୁ ବଞ୍ଚିବା ପାଇଁ ତାଙ୍କୁ ୧ କୋଟି ଟଙ୍କା ଲାଞ୍ଚ ଅଫର୍ କରିଥିଲେ। ଅକ୍ଟୋବର ୧୫ରେ ଆରୋରା ଅଧିକାରୀଙ୍କୁ ୫୦ ଲକ୍ଷ ଟଙ୍କା ଲାଞ୍ଚ ଦେବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ ଏବଂ ବାକି ସବୁ ପରେ ଦେବେ ବୋଲି କହିଥିଲେ। ଗତକାଲି ରାତିରେ ଯେତେବେଳେ ଆରୋରା ମନମୋହନଙ୍କୁ ଟଙ୍କା ଭର୍ତ୍ତି ଏକ ବ୍ୟାଗ ହସ୍ତାନ୍ତର କରୁଥିଲେ, ସେତେବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଏହି ମାମଲାରେ ସୁନ୍ଦର ଶ୍ୟାମର ବ୍ୟକ୍ତିଗତ ସହାୟକଙ୍କୁ ମଧ୍ୟ ଗିରଫ କରାଯାଇଛି। ପଞ୍ଜାବର ପୂର୍ବ କ୍ୟାପଟେନ ସରକାରରେ ଅରୋରା କ୍ୟାବିନେଟ ମନ୍ତ୍ରୀ ଥିଲେ। ସେ କ୍ୟାପଟେନ ଅମରିନ୍ଦର ସିଂଙ୍କ ଜଣେ ବିଶ୍ୱସ୍ତ ଥିଲେ। ପଞ୍ଜାବରେ ଆମ୍ ଆଦମୀ ପାର୍ଟି କ୍ଷମତାକୁ ଆସିବା ପରେ ଆରୋରା କଂଗ୍ରେସ ଛାଡି ବିଜେପିରେ ଯୋଗ ଦେଇଥିଲେ।

ବିଜୁ ଯୁବ ଜନତା ଦଳ, ପାରାଦୀପ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ପାରାଦୀପ,୧୬/୧୦(ନି.ପ୍ର): ବିଜୁ ଜନତା ଦଳର ସଭାପତି ତଥା ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମ ଜୟନ୍ତୀ ପରିପ୍ରେକ୍ଷୀରେ ପାରାଦୀପ ପୌର ପରିଷଦର ପ୍ରତି ଓ୍ୟାର୍ଡରେ ଥିବା ଦେବାଦେବୀ ମନ୍ଦିରରେ ପୂର୍ବାହ୍ନ ୭ଟାରେ ପୂଜାର୍ଚ୍ଚନା, ୮ଟାରେ ଓ୍ୟାର୍ଡ ଗୁଡିକରେ ବୃକ୍ଷରୋପଣ,ପୂର୍ବାହ୍ନ ୯ଟାରେ ବିଜୁ ମେମୋରିଆଲ ଟ୍ରଷ୍ଟ କାର୍ଯ୍ୟାଳୟରେ କେକ୍

ସୋମବାର, ଅକ୍ଟୋବର ୧୭, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ନୂତନ ଡିଆର୍‌ଏମ୍‌ଙ୍କ ଜଳେଶ୍ୱର ଷ୍ଟେସନ ପରିଦର୍ଶନ

ଜଳେଶ୍ୱର, ୧୬/୧୦(ନି.ପ୍ର): ଖଡଗପୁର ରେଳ ଡିଭିଜନ୍‌ରେ ନୂତନ ଡିଆର୍‌ଏମ୍ ଯୋଗ ଦେଲାପରେ ଜଳେଶ୍ୱର ରେଳ ଷ୍ଟେସନକୁ ପ୍ରଥମ ପରିଦର୍ଶନରେ ଆସି ଏହାର ବିକାଶ ଲାଗି ପ୍ରଶାସନୀକ ଅଧିକାରୀଙ୍କ ସହ ବିଷଦ ଆଲୋଚନା କରିଛନ୍ତି । ଜଳେଶ୍ୱର ରେଳ ଷ୍ଟେସନରୁ ବର୍ଷକୁ ୧୧ କୋଟି ଟଙ୍କା ରାଜସ୍ୱ ଆଦାୟ ହେଉଥିବା ବେଳେ ରେଳ ଷ୍ଟେସନର ବିକାଶ ଓ ଉତ୍କଳ ଏକ୍ସପ୍ରେସର ଡାଉନ୍ ଟ୍ରେନ୍ ରହଣି ଲାଗି ଦାବି କରାଯାଇଥିଲା । ଦକ୍ଷିଣପୂର୍ବ ରେଳ ପଥର ଖଡଗପୁର ରେଳ ଡିଭିଜନ୍ ଅଧିନରେ ଓଡିଶାର ଲକ୍ଷ୍ମଣନାଥ ଠାରୁ ରାଣିତାଲ ଓ ରୁପ୍‌ସା ଠାରୁ ବାଙ୍ଗିରିପୋଷି ରେଳ ଷ୍ଟେସନ ରହିଥିବା ବେଳେ ଏଗୁଡିକର ଅଗ୍ରଗତି ବିଶେଷ ହୋଇ ପାରିନଥିବାରୁ ପୂର୍ବତନ ଡିଆର୍‌ଏମ୍ ମନୋରଂଜନ ପ୍ରଧାନ ଗୁରୁତ୍ୱ ଦେଇ ଆସିଥିଲେ । ଗତ ୧୩ ତାରିଖରେ ମହମ୍ମଦ ସୁଜତ୍ ହାସିମ୍ ଡିଆର୍‌ଏମ୍ ଭାବେ ଖଡଗପୁରରେ ଯୋଗ ଦେବାପରେ ଗତ ସଂଖ୍ୟାରେ ଜଳେଶ୍ୱର ରେଳ ଷ୍ଟେସନରେ ପହଞ୍ଚି ଏହାର ଉନ୍ନତି ଲାଗି ପ୍ରଶାସନୀକ ସ୍ତରରେ ଆଲୋଚନା କରିଛନ୍ତି । ରିଷିକେଶରୁ ପୁରି ଯାଉଥିବା କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍‌ର ଜଳେଶ୍ୱର ଠାରେ ରହଣି ଥିବା ବେଳେ ପୁର-ରିଷିକେଶ ଡାଉନ୍ ଟ୍ରେନ୍ ଛିଡା ହେଉନଥିବାରୁ ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି । ସେହିପରି କେତେକ ପାସେଞ୍ଜର ଟ୍ରେନ୍‌ର ଚଳାଚଳ, ପୂର୍ବ ସମୟ ସାରଣୀରେ ଚାଲିବା ନେଇ ମଧ୍ୟ ଆଲୋଚନା ହୋଇଥିଲା । ପ୍ରକାଶଯୋଗ୍ୟ ଜଳେଶ୍ୱର ରେଳ ଷ୍ଟେସନରୁ ବାର୍ଷିକ ୧୧ କୋଟି ଟଙ୍କାରୁ ଅଧିକ ରାଜସ୍ୱ ମିଳୁଥିବା ବେଳେ ଏଠାରୁ ଦୀଘା ସୁନ୍ଦରୀ, ତାଳସାରୀ ସମୁଦ୍ରକୂଳ ସାଇଲେଣ୍ଟ କୋନ୍ ଓ ସୁବର୍ଣ୍ଣ ଦ୍ୱୀପ, ଏସିଆ ପ୍ରସିଦ୍ଧ ଭୁଷଣ୍ଡେଶ୍ୱର, ଚନ୍ଦନେଶ୍ୱର, ରାଇବଣିଆ ଦୁର୍ଗ, ରାୟ ମହାଶୟ ଗଡ ଓ ବାସୁଳିଦେବି ଇତ୍ୟାଦି ପର୍ଯ୍ୟଟନ କ୍ଷେତ୍ରକୁ ପର୍ଯ୍ୟଟକ ଓ ଯାତ୍ରୀ ଯାତାୟାତ କରିଥାନ୍ତି । ଖଡଗପୁରରୁ ଭଦ୍ରକ ତୃତୀୟ ରେଳ ଲାଇନ୍ ନିର୍ମାଣ, ଜଳେଶ୍ୱର ୪ନଂ ପ୍ଲାଟଫର୍ମରେ ପ୍ରଶାସନୀକ ଭବନ ନିର୍ମାଣ, ୧ନଂ ପ୍ଲାଟଫର୍ମରେ ନୂତନ ଗୃହର ଭିତ୍ତିସ୍ଥାପନ, ଲିଫ୍ଟର ବ୍ୟବସ୍ଥା ସଂପର୍କରେ ଉପସ୍ଥିତ ଥିବା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ।

ବାଲେଶ୍ୱର ଫଟୋଗ୍ରାଫର ସଂଘର ରୌପ୍ୟଜୟନ୍ତୀ ଉତ୍ସବ

ବାଲେଶ୍ୱର,୧୬/୧୦(ନି.ପ୍ର): ବାଲେଶ୍ୱର ଜିଲା ଫଟୋଗ୍ରାଫର ସଂଘର ରୌପ୍ୟଜୟନ୍ତୀ ଉତ୍ସବ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହି ଉତ୍ସବକୁ ଉଦଘାଟନ କରିଥିଲେ । ସମୟର ସ୍ମୃତିକୁ ଫଟୋ ମାଧ୍ୟମରେ ସାଇତି ରଖିବା କଳା ଫଟୋଗ୍ରାଫରଙ୍କ ଠାରୁ ଅଧିକ କେହି ଜାଣିଇନପାରେ । ସମ୍ପ୍ରତି ଅଣ୍ଡ୍ରୋଏଡ ମୋବାଇଲର ବହୁଳ ବ୍ୟବହାର ସତ୍ତ୍ୱେ କ୍ୟାମେରା ଫଟୋ ତା'ର ଅସ୍ତିତ୍ୱ ହରାଇ ନାହିଁ ବୋଲି ସାଂସଦ ଶ୍ରୀ ଷଡ଼ଙ୍ଗୀ କହିଥିଲେ । ସଦର ବିଧାୟକ ସ୍ୱରୂପ କୁମାର ଦାସ, ପ୍ରତିଭାଶ୍ରୀ ମୁଖ୍ୟ କବି ପ୍ରଶାନ୍ତ ଦାସ, ଜାତୀୟ ସ୍ତରର ଖ୍ୟାତନାମା ଫଟୋଗ୍ରାଫର ରାଜୁ ସୁଲତାନିଆ, ଓଡ଼ିଶା ଫଟୋଗ୍ରାଫି ମହାସଂଘର ଉପଦେଷ୍ଟା ଶିଶିର କୁମାର ନାୟକ, ଚଳଚିତ୍ର ନିର୍ଦ୍ଦେଶକ ସଂଜୀବ ଦ୍ୱିବେଦୀ ପ୍ରମୁଖ ଏଥିରେ ଯୋଗଦେଇ ଫଟୋଗ୍ରାଫର ସଂଘର ୨୫ ବର୍ଷ ପୂର୍ତ୍ତି ଅବସରରେ କର୍ମକର୍ତ୍ତାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଫଟୋଗ୍ରାଫି କଳାକୁ ଉଦଜୀବିତ ରଖିବା ସାଙ୍ଗକୁ ଫଟୋ ମାଧ୍ୟମରେ ଜନସାଧାରଣଙ୍କୁ ଖୁସୀର ବାର୍ତ୍ତା ବାଣ୍ଟିବା ଭଳି ମହତ କାର୍ଯ୍ୟ କେବଳ ଫଟୋଗ୍ରାଫରମାନେ କରି ପାରନ୍ତି ବୋଲି ଅତିଥି ମାନେ କହିଥିଲେ । ବିଶେଷ କରି ଫଟୋ ସହ ଜଡ଼ିତ ଆବେଗ ପରବର୍ତ୍ତୀ ସମୟରେ ସ୍ମୃତି ହେଲେ ମଧ୍ୟ ଏହା ସର୍ବଦା ସମସ୍ତଙ୍କୁ ଖୁସୀ ଦେଇଥାଏ ବୋଲି ସେମାନେ ମତ ପ୍ରକାଶ କରିଥିଲେ । ସଂଗଠନର ସଭାପତି ମାନସ କୁମାର ପାଲ ଏଥିରେ ସଭାପତିତ୍ୱ କରିବା ସହିତ ଫଟୋଗ୍ରାଫର ସଂଘ ଗଠନର ଆଭିମୁଖ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ । କୋଷାଧ୍ୟକ୍ଷ ସୁଶାନ୍ତ ମହାନ୍ତି ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ସମପାଦକ ଅମରଜିତ ଦାସ ବିବରଣୀ ଉପସ୍ଥାପନ କରିଥିଲେ । ଉପ-ସଭାପତି ନିରଂଜନ ରାଉଳ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ କାର୍ଯ୍ୟକାରୀ ସଦସ୍ୟ ପ୍ରଶାନ୍ତ ପଟେଲ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅସରରେ ଜିଲାର ବରିଷ୍ଠ ଫଟୋଗ୍ରାଫରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଜିଲ୍ଲା ସ୍ତରୀୟ ନେହେରୁ ଯୁବ କେନ୍ଦ୍ରର ଯୁବ ମହୋତ୍ସବ ୨୦୨୨ ଅନୁଷ୍ଠିତ

ବାଲେଶ୍ୱର, ୧୬/୧୦(ନି.ପ୍ର): ନେହେରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଯୁବ ମହୋତ୍ସବ ଫକୀମୋହନ ବିଶ୍ୱ ବିଦ୍ୟାଳୟ ରେ ଅନୁଷ୍ଠିତ ହୋଯାଇଅଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାପାଳ ଉଦ୍ଘାଟନ କରି ତାଙ୍କର ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଯୁବ ମହୋତ୍ସବରେ ୧୫ବର୍ଷରୁ ୨୯ ବର୍ଷ ପର୍ଯ୍ୟନ୍ତ ୩୦୦ରୁ ଅଧିକ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରି ଥିଲେ ।ଏଥିରେ ୬ଗୋଟି ପ୍ରତିଯୋଗିତା କରାଯାଇଥିଲା । ବିଭିନ୍ନ ବର୍ଗର କୃତି ଛାତ୍ର ଛାତ୍ରୀ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲାରୁ ପ୍ରତିନିଧିତ୍ୱ କରିବେ । ଅନ୍ୟତମ ଅତିଥି ଭାବେ ଫକୀମୋହନ ବିଶ୍ୱ ବିଦ୍ୟାଳୟର କୁଳ ସଚିବ ସନ୍ତୋଷ ତ୍ରିପାଠୀ ଯୋଗ ଦାନ କରିଥିଲେ । ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦାନ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଓ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଓ ଧ୍ୱନି ପ୍ରତିଧ୍ୱନି ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା ଉପସ୍ଥିତ ଥିଲେ । ନେହେରୁ ଯୁବ କେନ୍ଦ୍ର ଜିଲ୍ଲା ଯୁବ ଅଧିକାରୀ ରମେଶ ଆର୍ କପୂର ଉପସ୍ଥିତ ଥିଲେ । ଏହି ଉତ୍ସବରେ ଏଫ୍ ଏମ ମେଡିକାଲ କଲେଜ ଏବଂ ହସ୍ପିଟାଲ ର ବରିଷ୍ଠ ଫାର୍ମାସିଷ୍ଟଙ୍କ ଲିଖିତ ପୁସ୍ତକ 'ଭୁଷଣ୍ଡେଶ୍ୱର କାହାଣୀ ଓ ଉପୂତ୍ତି ସମ୍ବନ୍ଧେ' ଉନ୍ମୋଚିତ କରାଯାଇଥିଲା । ଶେଷରେ ନେହେରୁ ଯୁବ କେନ୍ଦ୍ରର ପୂର୍ବତନ ସ୍ୱେଚ୍ଛାସେବୀ ଶ୍ରୀ ବିକ୍ରମ ବାରିକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ନର୍ସିଂ ଆଶ୍ଲୋଇଜ ଆସୋସିଏସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୃତଜ୍ଞତା

ବାଲେଶ୍ୱର,୧୬/୧୦(ନି.ପ୍ର): ଚୁକ୍ତିଭିତ୍ତିକ ଚାକିରିରୁ ନିୟମିତ କର୍ମଚାରୀର ମାନ୍ୟତା ମିଳିବାକୁ ନେଇ ଓଡ଼ିଶା ନର୍ସିଂ ଆଶ୍ଲୋଇଜ ଆସୋସିଏସନରେ ଖୁସୀର ଲହରୀ ଖେଳିଯାଇଛି । ଏହି ପରିପ୍ରେକ୍ଷୀରେ ଆସୋସିଏସନର ବାଲେଶ୍ୱର ଶାଖାର କର୍ମକର୍ତ୍ତା ଓ ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ତାଙ୍କ ଜନ୍ମଦିନ ପାଳନ କରିଛନ୍ତି । ଜିଲା ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ଜନ୍ମଦିନ ଅବସରରେ କେକ କାଟି ଶୁଭେଚ୍ଛା ଜଣାଇଛନ୍ତି । ଠିକା କର୍ମଚାରୀଙ୍କ ଦୁଃଖ ଦୂର କରି ତାଙ୍କୁ ନିୟମିତ ସରକାରୀ କର୍ମଚାରୀର ମାନ୍ୟତା ଦେଇଥିବାରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୃତଜ୍ଞତା ଜ୍ଞାପନ କରିଛନ୍ତି । ଅସୋସିଏସନର ଜିଲା ସଭାପତି ଅର୍ଜୁନ ବାଗଙ୍କ ନେତୃତ୍ୱରେ ତଥା ସମ୍ପାଦିକା ମୀନାକ୍ଷୀ ଶୋଷାଦ୍ରି ରାଉତ, ବ୍ରିଜେଶ ବେହେରା, ଦିଲୀପ କୁମାର ଘୋଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସ୍ୱାସ୍ଥ୍ୟ ବିଭାଗରେ ଠିକାରେ କାର୍ଯ୍ୟ କରୁଥିବା ଟେକ୍ନିସିଆନ, ରେଡିଓଗ୍ରାଫର, ଫାର୍ମସିଷ୍ଟମାନେ ଏଥିରେ ଯୋଗଦେଇ ପରସ୍ପରକୁ କେକ ଖୁଆଇ ଖୁସୀ ବାଣ୍ଟିଥିଲେ ।

ସୀତା ସୁରେନ୍ଦ୍ର ପାଠାଗାରରେ ବିଶ୍ୱ ଶବ୍ଦକୋଷ ଦିବସ ପାଳିତ

ରେମୁଣା,୧୬/୧୦(ନି.ପ୍ର): ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ପ୍ରତିଷ୍ଠିତ 'ସୀତାସୁରେନ୍ଦ୍ର ପାଠାଗାର'ରେ ବିଶ୍ୱ ଶବ୍ଦକୋଷ ଦିବସ ପାଳିତ ହୋଇଯାଇଛି । ବ୍ୟାକରଣ ବିତ୍ ନିଂଜନ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଆଲୋଚକ ଗିରୀଶ କୁମାର ଷଡ଼ଙ୍ଗୀ, ଗ୍ରାନ୍ଥାଗାରିକ ରେମୁଣା ମହାବିଦ୍ୟାଳୟ ମୁଖ୍ୟବକ୍ତା ଯୋଗେଶ ଚନ୍ଦ୍ର ବେହେରା, ସମ୍ମାନନୀୟ ଅତିଥି ସରୋଜ କୁମାର ବେହେରା, ଶିକ୍ଷାବିତ୍ ବୃନ୍ଦାବନ ବେହେରା, ରବୀନ୍ଦ୍ର କୁମାର ବିଶ୍ୱାଳ, ଶିକ୍ଷକ ନରେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଶବ୍ଦକୋଷର ଆଭିମୁଖ୍ୟ ଓ ଉପାଦେୟତା ଉପରେ ଆଷଲାକପାତ କରିଥିଲେ । ଶବ୍ଦକୋଷ ସମ୍ପର୍କିତ ଭିତ୍ତିପ୍ରବନ୍ଧ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଓ ଶ୍ରୀଯୁକ୍ତ ସାହୁ ଉପସ୍ଥାପନ କରିଥିଲେ । ଶବ୍ଦକୋଷ ଭାଷାଜ୍ଞାନ ବୃଦ୍ଧି କରିବା ସହ ସନ୍ଦେହ ମୋଚନରେ ସହାୟକ ହୁଏ ବୋଲି ଆଲୋଚକ ମାନେ ମତବ୍ୟକ୍ତ କରିଥିଲେ । ଡ. ଭାଗବତ ପ୍ରସାଦ ଦାସ ଶେଷରେ କୃତଜ୍ଞତା ଜଣାଇଥିଲେ । ଏହି କାର୍ଯ୍ୟକ୍ରମକୁ ଶାନ୍ତିଲତା ମହାନ୍ତି, ଅର୍ପିତା ଦାସ ଓ ଦେବାଶିଷ ମିଶ୍ର ପରିଚାଳନାରେ ସହାୟତା କରିଥିଲେ ।

'ବାଲ୍ୟ ବିବାହକୁ ନାଁ, ବିଦ୍ୟାଳୟକୁ ହଁ' ଶିର୍ଷକ ଆଲୋଚନାଚକ୍ର

ଉଦଳା,୧୬/୧୦(ନି.ପ୍ର): ୟୁନିସେଫର ସହାୟତାରେ ସ୍ୱେଚ୍ଛାସେବୀ ସଂଗଠନ ଆକ୍ସନଏଡ଼ର ଉଦ୍ୟମରେ ଚଳିତ ଅକ୍ଟୋବର ୧୫ ତାରିଖ ଶନିବାର ଦିନ ଉଦଳା ବ୍ଲକ ଅନ୍ତର୍ଗତ ଖଲାଡ଼ି ଗ୍ରାମ ଠାରେ ସ୍ଥାନୀୟ ସରପଞ୍ଚ ସସ୍ମିତା ବାରିକଙ୍କ ଅଧକ୍ଷତାରେ 'ବାଲ୍ୟ ବିବାହକୁ ନାଁ, ବିଦ୍ୟାଳୟକୁ ହଁ' ଶିର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଦିବସ ବ୍ୟାପି ଚାଲିଥିବା ଏହି ଆଲୋଚନା ଚକ୍ରରେ ସମିତି ସଦସ୍ୟା ସବିତା ବେହେରା, ଓ୍ୱାର୍ଡ଼ ମେମ୍ବର ଆରତୀ ମୁଦୁଲି, ଆକ୍ସନଏଡ଼ର ଜିଲ୍ଲା କୋଡ଼ିନେଟର ପ୍ରକାଶ ବାରିକ, ସିଡ଼ିପିଓ ଆଲାଦି ମାର୍ଣ୍ଡି, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ସାନ୍ତାଳି ଭାଷାର ଲେଖକ ଚାନ୍ଦରାୟ ହାଁସଦା ପ୍ରମୁଖ ଅଂଶ ଗ୍ରହଣ କରି ବାଲ୍ୟ ବିବାହ ଯୋଗୁଁ କିପରି ଦେଖା ଯାଉଥିବା ସମସ୍ୟା ଯଥା- ବିକଳାଙ୍ଗ ପିଲା ଜନ୍ମ ହେବା, ଉଭୟ ମା ଓ ଶିଶୁ ଦୁର୍ବଳ ହେବା ଇତ୍ୟାଦି ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଗାଁ ମୁଖିଆ, ମାଝି ହାଳାମ, ଅଙ୍ଗନଓ୍ୱାଡ଼ି ଓ୍ୱାର୍କର, ଆଶା ଦିଦି ଓ ପିଆରଆଇ ମେମ୍ବର ମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ବ୍ଲକ କୋଡ଼ିନେଟର କୈଳାସ ଚନ୍ଦ୍ର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାରୁକର ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସସ୍ମିତା ନାୟକ, ରବିନ୍ଦ୍ର ଖଣ୍ଡେଇ, ରଶ୍ମିତା ସିଂ, ଉଦୟ ନାରାୟଣ ବେହେରା ସହଯୋଗ କରିଥିଲେ ।

ଜିଲ୍ଲା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିବସ ପାଳିତ

ବାଲେଶ୍ୱର,୧୬/୧୦(ନି.ପ୍ର): ବିଜୁ ଜନତାଦଳ ବାଲେଶ୍ୱର ଜିଲା ଶାଖା ପକ୍ଷରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମଦିବସ ରବିବାର ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ସଂଧ୍ୟାରେ ଓଟିରୋଡ଼ ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା ସାଙ୍ଗକୁ ୧୦୮ ଦୀପଦାନ ସହ ସାମୂହିକ ପ୍ରାର୍ଥନା କରାଯାଇଥିଲା । ବିଜେଡି ଜିଲା ସଭାପତି ତଥା ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ସମେତ ଦଳୀୟ କର୍ମକର୍ତ୍ତା ଓ ବିଭିନ୍ନ କ୍ଷେତ୍ରରେ ନିର୍ବାଚିତ ଲୋକ ପ୍ରତିନିଧିମାନେ ଏଥିରେ ଯୋଗଦେଇ ଦୀପଦାନ ସହ ମୁଖ୍ୟମନ୍ତ୍ରୀଙ୍କ ସୁସ୍ଥ, ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ପରେ ନିକଟରେ ଥିବା ବିଜେଡି ଜିଲା କାର୍ଯ୍ୟାଳୟରେ ଜନ୍ମଦିନ କେକ କଟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲା ସଭାପତି ଶ୍ରୀ ଜେନା ଜନ୍ମଦିନ କେକ କାଟି ଶୁଭେଚ୍ଛା ଜଣାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କ ସ୍ନେହ ଶ୍ରଦ୍ଧା ସର୍ବଦା ରହି ଆସିଛି ବୋଲି ସେ କହିଥିଲେ ।

ବେତାର ନାଟ୍ୟକାର ଓ ଗୀତିକାର ସ୍ୱର୍ଗତ ନରସିଂହ ମହାପାତ୍ରଙ୍କ ୨୪ତମ ଶ୍ରାଦ୍ଧ ବାର୍ଷିକ ଓ ପ୍ରତିଭା ସମ୍ବର୍ଦ୍ଧନା

ଭଦ୍ରକ,୧୬/୧୦(ନି.ପ୍ର): ଭଦ୍ରକସ୍ଥ ଭାଗବତ କଲ୍ୟାଣ ମଣ୍ଡପରେ ନାଟ୍ୟକାର ଓ ଗୀତିକାର ସ୍ୱର୍ଗତ ନରସିଂହ ମହାପାତ୍ରଙ୍କ ୨୪ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ତ୍ୟାଗଭୂମିର ସଭାପତି ଅଜୟ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଡଃ ରାଧାରାଣୀ ମହାପାତ୍ର, ମୁଖ୍ୟବକ୍ତା ଭାବେ ଡଃ କ୍ଷୀରୋଦ ସାମଲ, ସମ୍ମାନନୀୟ ଅତିଥି ଭାବେ ଶିବାନୀ ସାହିତ୍ୟ ପତ୍ରିକାର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବହଳୀ, ଅଧ୍ୟାପିକା ରୀତାରାଣୀ ମହାନ୍ତି, ରାନ୍ଦିଆ ସରପଞ୍ଚ ପ୍ରତିନିଧି ଅମିତ ମହାପାତ୍ର, ପୂର୍ବତନ ଓଲଙ୍ଗ ସରପଞ୍ଚ ଦେବୀଦତ୍ତା ମହାନ୍ତି ଯୋଗ ଦେଇ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତିଚାରଣ କରିବା ସହିତ ଓଡ଼ିଆ ସାହିତ୍ୟ ପ୍ରତି ନରସିଂହ ମହାପାତ୍ରଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିମଳା ନାଟ୍ୟ ସଂସଦ ସମ୍ପାଦକ ଗୌରାଙ୍ଗ ଚନ୍ଦ୍ର ବାରିକ ବିବରଣୀ ପାଠ କରିଥିଲେ । ଦୁଃଶାସନ ଗାହାଣ ମଞ୍ଚ ଆମନ୍ତ୍ରଣ କରିଥିଲେ । ଏହି ଅବସରରେ ଦିବଂଗତ ସାହିତ୍ୟିକ ବିଷ୍ଣୁ ସେଠୀ, ଚିତ୍ରଶିଳ୍ପୀ ଅଶୋକ ମହାନ୍ତି, ବରିଷ୍ଠ ଅଧିବକ୍ତା ତୁଷାରକାନ୍ତି ମହାନ୍ତି, ପ୍ରହଲ୍ଲାଦ ବାରିକଙ୍କ ବିୟୋଗ ଜନିତ ନୀରବ ପ୍ରାର୍ଥନା କରାଯାଇ ଶୋକବ୍ୟକ୍ତ କରାଯାଇଥିଲା । ପଣ୍ଡିତ ରତ୍ନାକର ମିଶ୍ର ବେଦପାଠ କରିଥିଲେ । ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ବିଜୟ ଦାସଙ୍କୁ 'ନରସିଂହ ମହାପାତ୍ର ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିବା ବେଳେ ବାବୁ ନିରଜଙ୍କୁ 'ଚିତ୍ରଶିଳ୍ପୀ ଅଶୋକ ମହାନ୍ତି ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା । ମାନପତ୍ର ପାଠ କରିଥିଲେ କାଳନ୍ଦୀ ମଲ୍ଲିକ ଓ ମନୋଜ ପଣ୍ଡା । ଏହି ଅବସରରେ ମୋହିନୀ ମୋହନ ମହାପାତ୍ର, ନାଟ୍ୟଶ୍ରୀ ନିର୍ମଳ ରାଉତ, ଦୁଃଶାସନ ଗାହାଣ, ଅମିୟ ମହାପାତ୍ର,ରମାକାନ୍ତ ଗାହାଣ, ଶର୍ମିଷ୍ଠା ପଣ୍ଡା, ଅଧିବକ୍ତା ଗିରିଧାରୀ ନାଥ, ଅଗଣୀ ଜେନା, ଲୋକକଳା ଉପସଭାପତି ସୁବାସ ମଲ୍ଲିକ, ସମାଜସେବୀ ପିଣ୍ଟୁ ମିଶ୍ର, ଗଂଗାଧର ରାଉଳ, ତ୍ୟାଗଭୂମିର ସଭ୍ୟ, ବଂଶୀବଲ୍ଲଭ ସାହିତ୍ୟ ସଂସ୍କୃତି ପରିଷଦର ସଭ୍ୟସଭ୍ୟା ସ୍ୱର୍ଗତ ନରସିଂହ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ । ନରସିଂହ ମହାପାତ୍ରଙ୍କ ରଚିତ ଗୀତକୁ ସୁମତୀ ପଣ୍ଡା, ମିନତୀ ବାରିକ, କ୍ଷୀରାବ୍ଧି ତନୟା ପଣ୍ଡା, ସୁରେନ୍ଦ୍ର ଗାହାଣ, ମନୋଜ ବାରିକ ଗାଇଥିବା ବେଳେ ବାଦ୍ୟାଂଶରେ ରାମ, ସତ୍ୟବ୍ରତ, ମନୋଜ ଭାଗ ନେଇଥିଲେ ।

ଡେଙ୍ଗୁ ରୋଗର ପ୍ରତିରୋଧ ସମ୍ଭବ

ଡେଙ୍ଗୁ ରୋଗର ନିରାକରଣ ପାଇଁ କିଛି ଜାଣିବା କଥା

ଡେଙ୍ଗୁ ମଶା ଅଣ୍ଡା ଦେବା ସ୍ଥାନ



କରନ୍ତୁ :

- ପାଣି ଟାଙ୍କି/କୁଣ୍ଡ,ଏବଂ ପାଣି ରହୁଥିବା ପାତ୍ରକୁ ଭଲଭାବରେ ଢାଙ୍କୁଣୀ ଘୋଡାଇ ରଖନ୍ତୁ ।
- ଅଦରକାରୀ ବସ୍ତୁ ଯଥା ଟାୟାର,ମାଟି ପାତ୍ର, ପଇଡ ଖୋଳପା ଆଦି ସମସ୍ତ ଆବର୍ଜନାକୁ ନଷ୍ଟ କରିଦିଅନ୍ତୁ ।
- ପ୍ରତି ସପ୍ତାହରେ ଥରେ ପାଣିକୁଣ୍ଡ, କୁଲର ଇତ୍ୟାଦିକୁ ସଫା କରିବା ସହିତ ପାଣି ବଦଳାଇ ଦିଅନ୍ତୁ ।
- ଡେଙ୍ଗୁ ରୋଗ ପ୍ରାଦୁର୍ଭାବ ସମ